୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.222 Bhubaneswar Friday October 11 2024 | ୨୬ତମ ବର୍ଷ ସଂଖ୍ୟା-୨୨୨ ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ମହଙ୍ଗା ପଡୁଛି ପାଣ୍ଡିଆନ-ବବିଙ୍କ ମାମଲାତି, ବିଜେଡିରେ ଉପୁଜିଲାଣି 'ଗୃହଯୁଦ୍ଧ' ଭଳି ପରିସ୍ଥିତି

ଭୁବନେଶ୍ୱର,୧୦।୧୦(ପି.ଏନ): ସାଧାରଣ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ପରଠୁ ଦଳରେ ତୀବ୍ର ହେବାରେ ଲାଗିଛି ଗୋଷ୍ଠୀକନ୍ଦଳ । ଦିନ ଗଡୁଥିଲେ ମଧ୍ୟ ଦଳରେ କନ୍ଦଳ ଥମିବାର ନାଁ ନେଉନି । ସେହି ପୁରୁଣା ଫର୍ମାଟରେ ଏବେବି ଦଳକୁ ଭିକେ ପାଣ୍ଡିଆନ ଓ ତାଙ୍କ ଖାସ୍ ସହଯୋଗୀ ପ୍ରଣବପ୍ରକାଶ ଦାସ(ବବି) ପରଦା ପଛରେ ରହି ପ୍ରତ୍ୟକ୍ଷ ନିୟନ୍ତ୍ରଣ କରୁଥିବାରୁ ଦଳରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିରବତା ଓ ନିର୍ଭରଶୀଳତା ଯୋଗୁ ପାଣ୍ଡିଆନ ଓ ବବି ପୂର୍ବଭଳି ମାମଲାତି ଜାରି ରଖିବା ଦଳକୁ ଏବେ ବାରୁଦଗଦା ଉପରେ ଛିଡା କରାଇ ଦେଇଛି । ଶଙ୍ଖଭବନରେ ଦଳର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ, ବିଭିନ୍ନ ଜିଲ୍ଲାରେ ଦଳର ଜନସମ୍ପର୍କ



ପଦଯାତ୍ରା ଓ ଏବେ ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମବେଳେ ଏହି କନ୍ଦଳ ଦାଣ୍ଡରେ ପଡି ହାଟରେ ଗଡୁଛି । ଆଉ ଏହି ଗୋଳିଆ ପାଣିରୁ ଫାଇଦା ଉଠାଇ ନିଜର ନେତାଗିରି ଓ ପତିଆରା ଦେଖାଇବାକୁ 'ପାଣ୍ଡିଆନ-ବବି ଯୋଡି' ଏବେ 'ଏଘରେ ମାଉସୀ ସେଘରେ ପିଉସୀ' ଭୂମିକାରେ ଅବତୀର୍ଣ୍ଣ ହୋଇ ଅଧିକାଂଶ ସ୍ଥାନରେ ଗୋଷ୍ଠୀକନ୍ଦଳକୁ ଉସକାଇବା ସହ ବିଜେଡିକୁ ବିଭାଜନ ଆଡକୁ ଟାଣି ନେଉଥିବା ଚର୍ଚ୍ଚା ହେଉଛି । ସୂଚନା ଅନୁସାରେ, ସାଧାରଣ ନିର୍ବାଚନ ଫଳାଫଳ ବିପର୍ଯ୍ୟୟ ପରଠୁ ବିଜେଡି ମୁରବୀବିହୀନ ହୋଇପଡିଛି । ଦଳକୁ ଶୃଙ୍ଖଳିତ ଓ ନିୟନ୍ତ୍ରିତ କରି ରଖିବା ପାଇଁ ସେଭଳି ଆଖିଦୃଶିଆ ପ୍ରୟାସ ହେଉନି କିମ୍ବା କେହି କାହାରିକୁ ମାନିବା ସ୍ଥିତିରେ ମଧ୍ୟ ନାହାନ୍ତି । ନବୀନ ପଟ୍ଟନାୟକ ଦଳର ନେତା ଅଛନ୍ତି ସତ କିନ୍ତୁ ସେ ପୂର୍ବଭଳି ପାଣ୍ଡିଆନଙ୍କ ହାତକଣ୍ଢେଇ ଭଳି ରହିଥିବାରୁ ବିଜେଡି ନେତାମାନଙ୍କ ମଧ୍ୟରେ ଆକ୍ରୋଶ ବଢ଼ିବାରେ ଲାଗିଛି । ଧର୍ମକୁ ଆଖିଠାର ମାରିବା ଭଳି ସଂଗଠନକୁ ପରିଚାଳନା କରିବା ପାଇଁ ଦେବୀ ମିଶ୍ରଙ୍କ ନେତୃତ୍ୱରେ ସମନ୍ୱୟ କମିଟି ଓ ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଉପଦେଷ୍ଟା କମିଟି ଗଢ଼ା ହୋଇଛି । ମାତ୍ର ବାସ୍ତବପକ୍ଷେ ପାଣ୍ଡିଆନ ହିଁ ନବୀନ ନିବାସରୁ ରହି ନିଜର ଖାସ୍ ଅନୁଗତ ବବିଙ୍କ ମାଧ୍ୟମରେ ଦଳକୁ ଖୋଲାଖୋଲି ନିୟନ୍ତ୍ରଣ କରୁଥିବା ଧୀରେଧୀରେ ସ୍ପଷ୍ଟ ହେବାରେ ଲାଗିଛି । ଯେଉଁ ପାଣ୍ଡିଆନଙ୍କ ରାଜନୀତିକ ମହତ୍ୱାକାଂକ୍ଷୀ ଓ ବବିଙ୍କ ମାମଲାତି ପାଇଁ ବିଜେଡିର ୨୪ବର୍ଷର ଶାସନର ଅନ୍ତ ହେଲା ଏବେ ସେହି ଦୁଇଜଣ ଦଳରେ ବିଶୃଙ୍ଖଳା ଭିଆଇ ନିଜର ଗୁରୁତ୍ୱ ବଢ଼ାଇବାକୁ ଚାହୁଁଥିବା ଜଣାପଡିଛି ।

### ଅଭିନନ୍ଦନ

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ପାଳନ ଅବସରରେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ ସ୍ୱପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। -ସମ୍ପାଦକ

### ଛୁଟି ଘୋଷଣା

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଅକ୍ଟୋବର ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୫ ତାରିଖରେ ପ୍ରକାଶ ପାଇବ ।

-ପ୍ରକାଶକ

## ବିଜେଡି ଛାଡିଲେ ପୂର୍ବତନ ବିଧାୟକ ପ୍ରକାଶ ବେହେରା

ଭୁବନେଶ୍ୱର,୧୦।୧୦(ପି.ଏନ): ବିଜେଡି ଛାଡିଲେ ପୂର୍ବତନ ବିଧାୟକ ପ୍ରକାଶ ବେହେରା। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ନିଜ ଇସ୍ତଫା ପତ୍ର ପଠାଇଛନ୍ତି ପ୍ରକାଶ। ଗତ ନିର୍ବାଚନରେ କଟକ ବାରବାଟୀରୁ ସେ ପ୍ରାର୍ଥୀ ହୋଇଥିଲେ । ନିଜ ଇସ୍ତଫା ପତ୍ରରେ ପ୍ରକାଶ କହିଛନ୍ତି ଯେ, ମୁଁ ରାଷ୍ଟ୍ରୀୟ ଚିନ୍ତାଧାରାରେ ବିଶ୍ୱାସ ରଖେ । ଜନସାଧାରଣଙ୍କ ସମସ୍ୟା, ବିକାଶ ଓ ସଂଗଠନ ସହ ଜଡିତ ରହିଛି, ଏଣୁ ମୁଁ ଏଭଳି ନିଷ୍ପତ୍ତି ନେବାକୁ ଉଚିତ ମଣିଲି। ଟାଙ୍ଗୀ-ସାଲେପୁର ଲୋକଙ୍କ ସହ ୨୫ ବର୍ଷ ହେଲା ଯୋଡିହୋଇ



ରହିଛି, ଆଗାମୀ ଦିନରେ ମଧ୍ୟ ସେମାନଙ୍କ ଋଣ ସୁଝିବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି ।

## ସହିଦ ମାଧୋସିଂ ହାତଖର୍ଚ୍ଚ ଯୋଜନା ପାଇଁ ଗାଇଡଲାଇନ ଜାରି

ଭୁବନେଶ୍ୱର,୧୦।୧୦(ପି.ଏନ): ସହିଦ ମାଧୋସିଂ ହାତଖର୍ଚ୍ଚ ଯୋଜନାର ମାର୍ଗଦର୍ଶିକା ଜାରି କରାଯାଇଛି । ଅନୁସୂଚିତ ଜନଜାତି ବର୍ଗ ସହ ଓଡିଶାର ସ୍ଥାୟୀ ବାସିନ୍ଦା ଛାତ୍ରଛାତ୍ରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ । ଅନ୍ୟ ଛାତ୍ରବୃତ୍ତି ମିଳୁଥିଲେ ମଧ୍ୟ ସହିଦ ମାଧୋସିଂ ହାତଖର୍ଚ୍ଚ ଯୋଜନାରେ ସେମାନେ ସାମିଲ ହୋଇପାରିବେ ବୋଲି ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇଛି । ରାଜ୍ୟ ଅନୁସୂଚିତ ଜନଜାତି କଲ୍ୟାଣ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ ଓଡିଶା ଷ୍ଟେଟ୍ ? ସ୍କଲାରସିପ୍ ? ପୋର୍ଟାଲ ମାଧ୍ୟମରେ ଏଥିପାଇଁ ଆବେଦନ କରାଯାଇପାରିବ। ସମ୍ପୂର୍ଣ୍ଣ ଯାଞ୍ଚ ପରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଯୋଜନା ଅଧୀନରେ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ କରାଯିବ ।

## ଓଡିଶାର 'ରତ୍ନ' ଥିଲେ ରତନ ଟାଟା, ସାମଗ୍ରିକ ବିକାଶର ଅଗ୍ରଦୂତ

ଭୁବନେଶ୍ୱର,୧୦।୧୦(ପି.ଏନ):ମହାନ ଶିଳ୍ପପତି ତଥା ସଚ୍ଚୋଟ ଭାରତୀୟ ରତନ ଟାଟାଙ୍କ ଦେହାନ୍ତ କେବଳ ସମଗ୍ର ଶିଳ୍ପଜଗତ ପାଇଁ ଅପୂରଣୀୟ କ୍ଷତି ନୁହେଁ ବରଂ ଓଡିଶା ନିଜର ଜଣେ ଦରଦୀ ବନ୍ଧୁ ଓ 'ରତ୍ନ'ଙ୍କୁ ହରାଇଛି । ଓଡିଶାରେ ରତନ ଟାଟାଙ୍କର ଯୋଗଦାନ ବ୍ୟବସାୟିକ କାରବାର ଅବା ପୁଞ୍ଜିନିବେଶଠୁ ବହୁ ଅଧିକ ଓ ବ୍ୟାପକ ଥିଲା । ଯେତେବେଳେବି ଓଡିଶା ଓ ଓଡିଶାବାସୀଙ୍କ ପ୍ରତି ବିପଦ ପଡିଛି ରତନ ଟାଟାଙ୍କର ଭଲପାଇବାର ପ୍ରତିବଦ୍ଧତାକୁ ସମଗ୍ର ରାଜ୍ୟ ଅନୁଭବ କରିଛି । ରତନ ଟାଟାଙ୍କ ଦୂରଦୃଷ୍ଟି ଓ ପ୍ରତିବଦ୍ଧତା



ଓଡିଶାର ଉଦ୍ୟୋଗିକ ବିକାଶ ଓ ସାମାଜିକ କଲ୍ୟାଣରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ଶିଳ୍ପ ଓ ଆର୍ଥିକ ବିକାଶ ସହ ସାମାଜିକ ଉତ୍ତରଦାୟିତ୍ୱର ସନ୍ତୁଳନ ରକ୍ଷା କରି ଓଡିଶାର ସାମଗ୍ରିକ ବିକାଶରେ ନିଜର ସ୍ପଷ୍ଟ ଛାପ ଛାଡିବାରେ ସକ୍ଷମ ହୋଇଛନ୍ତି । ୧୯୯୯ ମହାବାତ୍ୟା ହେଉ କି ୨୦୧୧ର ବନ୍ୟା ବିପ୍ଳାତ ଅବା ଅନ୍ୟ ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟ ସବୁବେଳେ ସହଯୋଗର ହାତ ବ?ାଇଛନ୍ତି ରତନ ଟାଟା । ନିଜର ଟାଟା ଗ୍ରୁପ ମାଧ୍ୟମରେ ଦେଶବିଦେଶର ୪ଲକ୍ଷ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଦେଇଥିବା ରତନ ଟାଟାଙ୍କର ଓଡିଶାର ଶିଳ୍ପ, ସାମାଜିକ ବିକାଶ, ଐତିହ୍ୟ ଓ ସାଂସ୍କୃତିକ ସୁରକ୍ଷା, ଏମଏସଏମଇକୁ ସହାୟତା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ରାଜ୍ୟର ସାମଗ୍ରିକ ବିକାଶ ଗତିଶୀଳ ହୋଇପାରିଛି ।

## ବିଦେଶରେ ଡାକ୍ତରୀ ଶିକ୍ଷା ନିମନ୍ତେ ବାଟ ଦେଖାଉଛି ଏଡ୍ଡୁନମ୍

ଭୁବନେଶ୍ୱର,(ପି.ଏନ): ଏଡ୍ଡୁନମ୍ - ଗାଇଡ଼ିଂ କ୍ୟାରିୟର୍ ଏକ ଅନୁଷ୍ଠାନ ଯାହା ଶିକ୍ଷାବିତ୍ ତଥା କ୍ୟାରିୟର ପରାମର୍ଶଦାତା ଶ୍ରୀ ଲମ୍ବୋଦର ରାଉତଙ୍କ ଦ୍ୱାରା ୨୦୦୭ରେ ପ୍ରତିଷ୍ଠିତ ହୋଇଥିଲା। ଏହା ଏକ ପ୍ରାଥମିକ ଶିକ୍ଷା ପରାମର୍ଶଦାତା ସଂଗଠନ ଯାହାକି ଛାତ୍ରଛାତ୍ରୀମାନଙ୍କର ବଜେଟ୍ ଏବଂ ଆଶା ଅନୁଯାୟୀ ବିଦେଶରେ ଡ଼ାକ୍ତରୀ ଅଧ୍ୟୟନ ତଥା ବିଦେଶରେ ଅଧ୍ୟୟନ କରିବାକୁ ସାହାର୍ଯ୍ୟ ଏବଂ ମାର୍ଗଦର୍ଶନ ଯୋଗାଇଥାଏ । ନୂତନ ଭାବେ ଶିକ୍ଷା ଗ୍ରହଣ କରିବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ରବିନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ଡଃ ଅଶୋକ ମହାପାତ୍ର (ପୂର୍ବତନ ନିର୍ଦ୍ଦେଶକ ଏମ୍ସ), ଡଃ ଗଙ୍ଗାଧର ସାହୁ(ପୂର୍ବତନ ଅଧକ୍ଷ, ସମ୍ ମେଡିକାଲ କଲେଜ, ଭୁବନେଶ୍ୱର) ଓ ମୁଖ୍ୟବକ୍ତା ଭାବେ ଡକ୍ଟର ପ୍ରସନ୍ନ କୁମାର ପାଟ୍ଟଶାଣୀ (ପୂର୍ବତନ ସାଂସଦ) ଯୋଗଦାନ କରି



ଅନୁଷ୍ଠାନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ସାଧୁବାଦ ଦେବା ସହ ଅନୁଷ୍ଠାନର ଉ□ୋରତର ଉନ୍ନତି କାମନା କରିଥିଲେ । ଶୀର୍ଷ ଦେଶ ତଥା ବିଦେଶରେ ଅଧ୍ୟୟନ ତଥା ଏମ୍.ବି.ବି.ଏସ୍ ଶିକ୍ଷା ବିଷୟରେ ସଠିକ୍ ସୂଚନା ପ୍ରଦାନ କରିବାକୁ ଏହା ଲକ୍ଷ୍ୟ ରଖିଛି । ଏଡ୍ଡୁନମ୍ ଛାତ୍ରମାନଙ୍କୁ ରୁସିଆ, ବାଂଲାଦେଶ, ନେପାଳ, ପୋଲାଣ୍ଡ, ଜର୍ଜିଆ, ଉଜବେକିସ୍ତାନ, କାଜାକିସ୍ତାନ, ମରିସସ୍ ଏବଂ ଜର୍ମାନୀ ପରି ବିଦେଶରେ ଏମ୍.ବି.ବି.ଏସ୍ ପାଇଁ ସେମାନଙ୍କର ସଠିକ୍ ବିଶ୍ୱବିଦ୍ୟାଳୟ ବାଛିବାରେ ସାହାଯ୍ୟ କରେ ଏବଂ ଅଷ୍ଟ୍ରେଲିଆ, ସିଙ୍ଗାପୁର, ଜର୍ମାନୀ, ଦୁବାଇ, ମାଲେସିଆ, ଫ୍ରାନ୍ସ, ଆମେରିକା, ୟୁକେ, କାନାଡ଼ା ଇତ୍ୟାଦି ୨୦୦୦ରୁ ଅଧିକ ଛାତ୍ରଛାତ୍ରୀ ପୂର୍ବରୁ ଏଡ୍ଡୁନମ୍ ମାଧ୍ୟମରେ ଶୀର୍ଷ ମେଡ଼ିକାଲ ବିଶ୍ୱବିଦ୍ୟାଳୟରେ ଏମ୍,ବି.ବି.ଏସ୍ ପାଠ୍ୟକ୍ରମରେ ଆଡ଼ମିଶନ ହୋଇସାରିଛନ୍ତି । ଏହାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ଥିବାବେଳେ ଭୁବନେଶ୍ୱରରେ ଶାଖା କାର୍ଯ୍ୟାଳୟ ଅଛି। ଭବିଷ୍ୟତରେ ସଫଳ ଡ଼ାକ୍ତର ହେବା ପାଇଁ ନିଜ କ୍ୟାରିୟର ସ୍ଥିର କରିଥିବା ଓଡ଼ିଶା ଛାତ୍ରମାନଙ୍କ ପ୍ରତିଭାକୁ ଚିହ୍ନିବା ପାଇଁ ଏଡ୍ଡୁନମ୍ ବିଦେଶରେ ଡ଼ାକ୍ତରୀ ଶିକ୍ଷା ନିମନ୍ତେ ଯାଉଥିବା ଛାତ୍ରଛାତ୍ରୀମାନଙ୍କ - ପୂର୍ବ-ବିଦାୟ ସମାରୋହ ଆୟୋଜନ କରିବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୨୦ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଅଂଶଗ୍ରହଣ କରିଥିଲେ।













# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଦ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।



## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।



# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।




## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଜମି ଅଧିଗ୍ରହଣ ନୀତି ତୁରନ୍ତ ବାତିଲ୍ ନ ହେଲେ ରାଜରାସ୍ତାରେ ଲଢେଇ ହେବ

ରାଉରକେଲା (ପିଏନ୍): ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରେ ପ୍ରତିଷ୍ଠିତ ଓଡିଶା ସିମେଣ୍ଟ ଲିମିଟେଡ୍ ଓ ଜିନ୍ଦଲ ସିମେଣ୍ଟ ପ୍ଲାଣ୍ଟ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ୭ଟି ପଞ୍ଚାୟତର ଅଧିବାସୀଙ୍କୁ ବେଆଇନ୍ ଭାବେ ବାସଚ୍ୟୁତ କରି ସେମାନଙ୍କ ଜମି ଅଧିଗ୍ରହଣ ପାଇଁ ହେଉଥିବା ଉଦ୍ୟମକୁ ସୁନ୍ଦରଗଡ ଜିଲ୍ଲା ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚ ତରଫରୁ ତୀବ୍ର ବିରୋଧ କରାଯାଇଛି । ଜିଲ୍ଲା ପ୍ରଶାସନ ଏହି ୭ଟି ପଞ୍ଚାୟତର ଜମିକୁ ଉପରୋକ୍ତ ଦୁଇ କମ୍ପାନୀ ପାଇଁ ଗତ ୩.୧୧.୨୧ ତାରିଖରେ ଅଧିଗ୍ରହଣ ପାଇଁ ଜାରି କରିଥିବା ନୋଟିସକୁ ତୁରନ୍ତ ବାତିଲ୍ ନ କଲେ କରିଆସୁଥିବା ବେଳେ ଏହି ଲଢେଇକୁ ଦୁର୍ବଳ କରିବା ପାଇଁ କିଛି ଲୋକ ଭୁବନେଶ୍ୱରର ରାଜଭବନ ନିକଟରେ ବସିବା ନିହାତି ଦୁର୍ଭାଗ୍ୟଜନକ ବୋଲି କହିଥିଲେ । ଆଦିବାସୀ ମୂଳବାସୀମାନେ ଏ ମାଟିର ସନ୍ତାନ ଏବଂ ପେସା ଆଇନ୍ ଅନୁଯାୟୀ ଗ୍ରାମସଭାର ବିନା ଅନୁମତିରେ କୌଣସି ଶକ୍ତି ଗୋଟିଏ ଇଞ୍ଚ ଜମି ଅଧିଗ୍ରହଣ କରିପାରିବ ନାହିଁ ବୋଲି ଶ୍ରୀ ତିର୍କୀ ଏହି ଅବସରରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ । ଯେଉଁମାନେ ନିରୀହ ଗରିବ ଆଦିବାସୀମାନଙ୍କୁ ବିଭ୍ରାନ୍ତ କରି ଉଭୟ କର୍ପୋରେଟ୍ ସଂସ୍ଥାର ଦଲାଲୀ କରୁଛନ୍ତି ସେମାନଙ୍କୁ ଆଗାମୀ ଦିନରେ ଆଦିବାସୀ




ରାଜରାସ୍ତାରେ ଲଢେଇ ହେବ ବୋଲି ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚ ତରଫରୁ ଚେତାବନୀ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଗତ ତା- ୧୦.୧୨.୨୧ ରିଖରେ ଆଦିବାସୀ ମୂଳବାସୀ ବଞ୍ଚାଅ ତରଫରୁ ଜିଲ୍ଲା ସଦର ମହକୁମା ସୁନ୍ଦରଗଡ ଠାରେ ଏକ ବିଶାଳ ଶୋଭାଯାତ୍ରା କରାଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚର ପ୍ରତିଷ୍ଠାତା ମୁଖ୍ୟ ତଥା ପ୍ରାକ୍ତନ ବିଧାୟକ ଶ୍ରୀ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଓ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରାଜଗାଙ୍ଗପୁର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଆଦିବାସୀ ମୂଳବାସୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶ୍ରୀ ତିର୍କୀ ବକ୍ତବ୍ୟ ରଖି ଓସିଏଲ୍ ପ୍ଲାଣ୍ଟ ପାଇଁ କିପରି ବେଆଇନ୍ ଭାବେ ଅଲନ୍ଦା, ଖଟଙ୍ଗ, କେସରାମାଲ, ଝଗରପୁର ଓ କୁକୁଡା ପଞ୍ଚାୟତ ଏବଂ ଜିନ୍ଦଲ ପ୍ଲାଣ୍ଟ ପାଇଁ ତେଲିଘାନା ଓ ଖଟକୁରବାହାଲ ପଞ୍ଚାୟତକୁ ବିନା ଗ୍ରାମସଭା ମୁରୀରେ ଅଧିଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ନୋଟିସ୍ ଜାରି କରିଛି, ସେ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଉଭୟ ପ୍ଲାଣ୍ଟ ପାଇଁ ଜିଲ୍ଲା ପ୍ରଶାସନ କରୁଥିବା ଦଲାଲୀ ବିରୁଧରେ ଦୀର୍ଘଦିନ ହେଲା ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚ ଲଢେଇ ମୂଳବାସୀମାନେ ଉଚିତ୍ ଜବାବ ଦେବେ ବୋଲି କହି ସତର୍କ କରାଇ ଦେଇଥିଲେ । ତେବେ ଆଦିବାସୀ ମୂଳବାସୀମାନେ କାହାର ଦୟାର ପାତ୍ର ନୁହଁ, ସେମାନେ ନିଜର ହକ୍ ଓ ନ୍ୟାର୍ଯ୍ୟ ଅଧିକାର ପାଇଁ ରାଜରାସ୍ତାରେ ଲଢେଇ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ତିର୍କୀ ଏହି ଅବସରରେ ଚେତାବନୀ ଦେଇ ତୁର' ଏହି ଜମି ଅଧିଗ୍ରହଣ ନୀତିକୁ ବାତିଲ୍ କରିବାକୁ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଯୁବନେତା ମହେଶ୍ୱର ତ'ୀ, ଦିଲ୍ଲୀପ ଲାହିରି, ଆନ୍ନା କୁଜୁର, ସୋନୁ ବଡାଇକ, ନାରୀନେତ୍ରୀ ତେଜ କୁମାରୀ ମି, ଜଶିନ୍ତା ଲାକ୍ରା, ତିରାମଣି ମି ପ୍ରମୁଖ ଉପସ୍ଥିତ ଆଦିବାସୀ ମୂଳବାସୀ ଭାଇଭଉଣୀମାନଙ୍କୁ ଉଦ୍‌ବୋଧନ ଦେଇ ଭିଟାମାଟିର ସୁରକ୍ଷା ପାଇଁ ସମସ୍ତେ ଏକହୋଇ ସଂଗ୍ରାମ କରିବାକୁ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଓଡିଶାର ମାନ୍ୟବାର ରାଜ୍ୟପାଳଙ୍କୁ ଜିଲ୍ଲା ପ୍ରଶାସନର ଏହି ବେଆଇନ୍ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇ ଏକ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା । ଏ ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଆଦିବାସୀ ମୂଳବାସୀ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ଅଂଶଗ୍ରହଣ କରି ନିଜର ଭିଟାମାଟିର ସୁରକ୍ଷା ପାଇଁ ବ୍ୟାପକ ଲଢେଇ କରିବାକୁ ଶପଥ ନେଇଥିଲେ ।

# ଚାଷୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ଏତଲା କପି ଦେଉନି ପୋଲିସ, ଅଭିଯୁକ୍ତକୁ ଖସାଇବା ପାଇଁ ମସୁଧା

କେନ୍ଦ୍ରାପଡ଼ା (ପିଏନ୍): ଜନୈକ ଚାଷୀଙ୍କୁ ଶାବଳରେ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତକୁ ଖସାଇବା ପାଇଁ ଯୋଜନା ଚାଲିଛି । କାରଣ ଆକ୍ରମଣରେ ଶିକାର ପରିବାରକୁ ଏତଲା କପି ଦେଉନି ପୋଲିସ । ଅଭିଯୁକ୍ତକୁ ଖସାଇବା ପାଇଁ ଏପରି ଯୋଜନା କରାଯାଉଥିବା ପିଡିତ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । କାରଣ ଏତଲା କପି ଦେଲେ କେଉଁ ଦଫା ଲାଗିଛି ତାହା ଜଣାପଡିଯିବ । ଏହାଦ୍ୱାରା ପୋଲିସର ଅସଲ ମୁଖା ଖୋଲିଯିବ । ତେଣୁ ଏତଲା କପିକୁ ଚାପି ଦେଇ ଅଭିଯୁକ୍ତକୁ କୋହଳ ଦଫା ଲଗାଇ ୪୧ ସିଆରପିସିରେ ଜାମିନ ଦେବା ପୋଲିସ ପାଇଁ ସହଜ ହେବ । ସୂଚନା ଅନୁଯାୟୀ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ବସପୁର ଗ୍ରାମପଞ୍ଚାୟତର ଭାଣ୍ଡିଲୋ ଗ୍ରାମର ଚାଷୀ ଶାରଦା ପ୍ରସନ୍ନ ଜେନା ଗତ ୨୬ ତାରିଖରେ ନିଜ ଜମିକୁ ଚାଷ କାର୍ଯ୍ୟ ଦେଖିବା ପାଇଁ ଯାଇଥିଲେ । ସେହି ସମୟରେ ତାଙ୍କ ଜମିକୁ ଲାଗିଥିବା ଅନ୍ୟ ଏକ ଜମିର ମାଲିକ ପ୍ରଫୁଲ୍ଲ କୁମାର ଦାସ ତାଙ୍କ ହିଡ଼କୁ ଟ୍ରାକ୍ଟର ଯୋଗେ ଖୋଳି ଦେଇଥିଲେ । ସେ ଏହାର ପ୍ରତିବାଦ କରିବାରୁ ପ୍ରଫୁଲ୍ଲଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା । ଏହାପରେ ଶାରଦା ଘରକୁ ପଳାଇଥିଲେ । ପରେ ଶାରଦା ଭାଣ୍ଡିଲୋ ଛକରେ ଏକ ଚା' ଦୋକାନରେ ଛିଡା ହୋଇଥିବା ବେଳେ ପ୍ରଫୁଲ୍ଲର ଭାଇ ପ୍ରଦୀପ ଓ ନାରାୟଣ ଶାରଦାକୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଏକ ଶାବଳରେ ଆକ୍ରମଣ କରିଥିଲେ ।

# ଭୁଲ୍ ଟୀକାକରଣ ପାଇଁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

ଧର୍ମଶାଳା (ପିଏନ୍): ଭୁଲ୍ ଟୀକାକରଣ ପାଇଁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ । ଶିଶୁର ମୃତ୍ୟୁ ପାଇଁ ତାକୁ ଟୀକା ଦେଇଥିବା ସ୍ୱାସ୍ଥ୍ୟ କର୍ମଚାରୀ ଓ ଅଙ୍ଗନବାଡ଼ି କର୍ମୀଙ୍କୁ ଦାୟୀ କରିଛନ୍ତି ପରିବାର ଲୋକ । ଏନେଇ ମୃତ ଶିଶୁର ମା' ପଟୁଣିଆ ପଞ୍ଚାୟତ ଶଙ୍ଖ ଗ୍ରାମର ନବୀନ ସେଠୀଙ୍କ ପତ୍ନୀ ବେବି ଧର୍ମଶାଳା ଥାନାରେ ଗତ ୩୦ତାରିଖରେ ଏତଲା ଦେଇଥିଲେ । ଅଭିଯୋଗ ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛି । ଦୁଇଦିନ ପୂର୍ବେ ମାଟିରେ ପୋତାଯାଇଥିବା ମୃତଦେହକୁ ଜବତ କରି ପୁଲିସ୍ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇଛି । ଅଭିଯୋଗରୁ ପ୍ରକାଶ ଯେ, ବେବି ସେଠୀ ଗତ ୨୦ତାରିଖରେ ପାଟପୁର ପଞ୍ଚାୟତ ଫାଜିଲପୁର ଅଙ୍ଗନବାଡ଼ି କେନ୍ଦ୍ରକୁ ନିଜ ୩ମାସ ୬ଦିନର ପୁଅକୁ ଟୀକା ଦେବାପାଇଁ ନେଇଥିଲେ । ପୁଅର ଓଜନ ୩କିଲୋ ଥିବା ବେଳେ ଏଠାରେ ଥିବା ଓଜନ ମେସିନ୍‌ରେ ୪କିଲୋ ୨୦୦ଗ୍ରାମ୍ ହେଲା ବୋଲି ସୂଚନା ଦିଆଯାଇଥିଲା । ସେ ଏହାକୁ ବିରୋଧ କରିଥିଲେ ମଧ୍ୟ ଓଜନ ମେସିନ୍ ଠିକ୍ ଅଛି ବୋଲି କୁହାଯାଇଥିଲା । ପ୍ରଥମେ ୨ଟି ଟୀକା ପିଚାରେ ଦିଆଗଲା ପରେ ଗତମାସର ବକେୟା ଥିବା ଅନ୍ୟ ୨ଟି ଟୀକା ହାତରେ ଓ ପୋଲିଓ ବୁନ୍ଦା ମଧ୍ୟ ଖୁଆଇଥିଲେ । ଘରକୁ ଯିବା ରାସ୍ତାରେ ଶିଶୁଟି କାନ୍ଦିବା ସହିତ ତାକୁ ପ୍ରବଳ ଜ୍ୱର ହୋଇଥିଲା । ଏ ସଂପର୍କରେ ସେ ଆଶାକର୍ମୀଙ୍କୁ ପଚାରିବାରୁ ଜ୍ୱର ୪୮ ଘଣ୍ଟା ରହିବ ବୋଲି ସେ ବୁଝିକି କହିଥିଲେ ।



ମାତ୍ର ଜ୍ୱର ନକମିବାରୁ ଶିଶୁଟିକୁ ଗତ ୨୨ ତାରିଖରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ତାକୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା । ପିଲାଟିର ଅବସ୍ଥା ସଂକଟାପନ୍ନ ହେବା ଓ ସେଠାରେ ଆଇସିୟୁ ବେଡ୍ ନଥିବାରୁ ତାକୁ ଅନ୍ୟ ଡାକ୍ତରଖାନାକୁ ନେବାପାଇଁ ଶିଶୁଭବନ ଡାକ୍ତର ପରାମର୍ଶ ଦେଇଥିଲେ । ସେଠାରୁ ପିଲାକୁ ନେଇ ଏକ ଘରୋଇ ଡାକ୍ତରଖାନାର ଆଇସିୟୁରେ ରଖି ଚିକିତ୍ସା କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୯ତାରିଖ ଅପରାହ୍ଣରେ ଶିଶୁଟିର ମୃତ୍ୟୁ ଘଟିଥିଲା । ପରିବାର ଲୋକ ମୃତଦେହ ଆଣି ଘର ନିକଟରେ ପୋତି ଦେଇଥିଲେ । ମାତ୍ର ଶିଶୁର ମୃତ୍ୟୁପାଇଁ ଦାୟିତ୍ୱରେ ଥିବା ଏଏନ୍‌ଏମ୍ ଓ ଅଙ୍ଗନବାଡ଼ି କର୍ମୀଙ୍କୁ ଦାୟୀ କରି ବେବି ଗତକାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣା ଭିନ୍ନ ମୋଡ଼ ନେଇଥିଲା । ପୁଲିସ୍ ଗାତରୁ ମୃତଦେହ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା । ସେଠାରେ ଡାକ୍ତର ମନାକରିଦେବାରୁ ମୃତଦେହ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ସେଠାରେ ମଧ୍ୟ ଶବ ବ୍ୟବଚ୍ଛେଦ ହୋଇପାରିବ ନାହିଁ ବୋଲି କୁହାଯିବାରୁ ପୁଣି ମୃତଦେହ ବଡ଼ଚଣା ଫେରିଥିଲା । ପରେ ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡ଼ିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ୍ କହିଛି ।

# ବୈଷ୍ଣୋ ଦେବୀ ମନ୍ଦିରର ଇତିହାସ ଓ ପୌରାଣିକ କଥା



ମା' ବୈଷ୍ଣୋ ଦେବୀଙ୍କ ବିଶ୍ୱପ୍ରସିଦ୍ଧ ଓ ପ୍ରାଚୀନ ମନ୍ଦିର ଆମ ଦେଶର ଜାମ୍ମୁ ଓ କାଶ୍ମୀର ରାଜ୍ୟର କଟରା ନଗର ନିକଟସ୍ଥ ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ । ଏହି ପାହାଡ଼ ଗୁଡ଼ିକୁ ତ୍ରିକୁଟା ପାହାଡ଼ କୁହାଯାଏ । ଏହି ସ୍ଥାନରୁ ପ୍ରାୟ ୫ହଜାର ୨ଶହ ଫୁଟ ଉଚ୍ଚରେ ମାତା ରାଣୀଙ୍କ ମନ୍ଦିର ଅବସ୍ଥିତ । ଏହା ଭାରତରେ ତିରୁମଲ୍ଲା ଭେଙ୍କଟେଶ୍ୱର ମନ୍ଦିର ପରେ ଦ୍ୱିତୀୟ ସର୍ବାଧିକ ଦର୍ଶନ କରା ଯାଉଥିବା ଧାର୍ମିକ ତୀର୍ଥ ସ୍ଥଳ । ସେହି ସ୍ଥାନ "ଭୈରୋନାଥ ମନ୍ଦିର" ନାମରେ ଜଣାଶୁଣା । କଟରା ଠାରୁ ହିଁ ବୈଷ୍ଣୋ ଦେବୀଙ୍କ ପାଦ ବନ୍ଦନା ଆରମ୍ଭ ହୋଇ ଭବନ ପର୍ଯ୍ୟନ୍ତ ପ୍ରାୟ ୧୩ କିଲୋମିଟର ଓ ଭୈରୋ ମନ୍ଦିର ପର୍ଯ୍ୟନ୍ତ ୧୪.୫ କିଲୋମିଟର ପର୍ଯ୍ୟନ୍ତ ଶେଷ ହୋଇଥାଏ ।

**ମନ୍ଦିରର ପୌରାଣିକ କାହାଣୀ:** ମନ୍ଦିର ସଂପର୍କରେ ଅନେକ ପ୍ରକାରର କଥା ପ୍ରଚଳିତ ରହିଛି । ଥରେ ତ୍ରିକୁଟ ପାହାଡ଼ ଉପରେ ଏକ ସୁନ୍ଦରୀ କନ୍ୟାକୁ ଦେଖି ଭୈରବନାଥ ତାକୁ ଧରିବା ପାଇଁ ଅଗ୍ରସର ହେଲେ । ହଠାତ୍ ସେହି କନ୍ୟା ବାୟୁ ରୂପରେ ପରିବର୍ତ୍ତିତ ହୋଇ ତ୍ରିକୁଟା ପର୍ବତ ଆଡ଼କୁ ଉଡ଼ି ଚାଲିଲେ । ଭୈରବନାଥ ମଧ୍ୟ ତାଙ୍କ ପଛରେ ଦୌଡ଼ିଲେ । କୁହାଯାଏ ଯେ, ସେତେବେଳେ ମାତାଙ୍କୁ ରକ୍ଷାକରିବା ପାଇଁ ସେଠାରେ ପବନ ପୁତ୍ର ହନୁମାନ ପହଞ୍ଚିଗଲେ । ସେତିକିବେଳେ ହନୁମାନଙ୍କୁ ଶୋଷ ଲାଗିବାରୁ ମାତା ତାଙ୍କ ପାଇଁ ଧନୁରେ ପାହାଡ଼ ଉପରକୁ ବାଣ ଚଳାଇ ଏକ ଜଳାଧାର ସୃଷ୍ଟି କଲେ ଓ ସେହି ଜଳରେ ନିଜର କେଶ ମଧ୍ୟ ଧୋଇଲେ । ତା'ପରେ ସେଠାରେ ଏକ ଗୁମ୍ଫାରେ ପ୍ରବେଶ କରି ମାତା



ତ୍ରିକୁଟା ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ ଏକ ଗୁମ୍ଫାରେ ମାତା ବୈଷ୍ଣୋ ଦେବୀଙ୍କ ସ୍ୱଂୟ ତିନି ମୂର୍ତି ପୂଜା ପାଉଛନ୍ତି । ଦେବୀ କାଳୀ (ଡ଼ାହାଣ), ଦେବୀ ସରସ୍ୱତୀ(ବାମ) ଓ ଦେବୀ ଲକ୍ଷ୍ମୀ(ମଧ୍ୟ) ପିଣ୍ଡି ଭାବରେ ବିରାଜିତା । ଏହି ତିନି ପିଣ୍ଡି ମାନଙ୍କର ସମ୍ମିଳିତ ରୂପକୁ ବୈଷ୍ଣୋ ଦେବୀ ମାତା କୁହାଯାଏ । ଏହି ସ୍ଥାନକୁ ମାତାଙ୍କ ଭବନ କୁହାଯାଏ । ଏହି ପବିତ୍ର ଗୁମ୍ଫାର ଲମ୍ବ ୯୮ଫୁଟ । ଏହି ଗୁମ୍ଫାରେ ଏକ ବଡ଼ ଉଚ୍ଚ ପିଣ୍ଡା ରହିଛି । ଏହି ପିଣ୍ଡା ଉପରେ ମାତାଙ୍କ ଆସନ ରହିଛି, ଯେଉଁଠି ଦେବୀ ତ୍ରିକୁଟା ନିଜ ମାତାଙ୍କ ସହିତ ବିରାଜମାନ ଅଛନ୍ତି । ମାତାଙ୍କ ଭବନ କହିଲେ, ଯେଉଁଠି ମାତା ଭୈରବ ନାଥଙ୍କର ବଦ୍ଧ କରିଥିଲେ । ପୁରାତନ ଗୁମ୍ଫା ପାଖରେ ଭୈରବଙ୍କର ଶରୀର ରହିଛି ଓ ତାଙ୍କର ମୁଣ୍ଡ ଉଡ଼ି ଉଡ଼ି ତିନି କିଲୋମିଟର ଦୂର ଭୈରୋ ଘାଟୀରେ ପଡ଼ିଥିଲା ଏବଂ ଶରୀର ଏଠାରେ ରହିଗଲା । ଯେଉଁ ସ୍ଥାନରେ ମୁଣ୍ଡ ପଡ଼ିଲା, ଆଜି ନଅ ମାସ ପର୍ଯ୍ୟନ୍ତ ତପସ୍ୟା କଲେ । ହନୁମାନ ତାଙ୍କୁ ଜଗି ରହିଲେ ।

ପୁଣି ଭୈରୋନାଥ ସେଠାରେ ପହଂଚି ଉତ୍ପାତ ଆରମ୍ଭ କଲେ । ଏହି ସମୟରେ ଜଣେ ସାଧୁ ଭୈରୋନାଥଙ୍କୁ କହିଲେ, "ତୁ ଯାହାକୁ ଏକ କନ୍ୟା ଭାବୁଛୁ, ସେ ଆଦିଶକ୍ତି ଜଗଦମ୍ବା । ଏଣୁ ସେହି ମହାଶକ୍ତିଙ୍କ ପିଛା ଛାଡ଼ିଦେ !" ମାତ୍ର ଭୈରୋନାଥ ସାଧୁଙ୍କ କଥା ମାନିଲେ ନାହିଁ । ତେବେ ମାତା ଗୁମ୍ଫାର ଅନ୍ୟ ଏକ ରାସ୍ତାରେ ବାହାରି ଗଲେ । ଏହି ଗୁମ୍ଫା ଆଜି ମଧ୍ୟ ଅର୍ଦ୍ଧ କୁମାରୀ ବା ଆଦି କୁମାରୀ ନାମରେ ପ୍ରସିଦ୍ଧ । ଅର୍ଦ୍ଧ କୁମାରୀ ପୂର୍ବରୁ ମାତାଙ୍କ ଚରଣ ପାଦୁକା ମଧ୍ୟ ଏଠାରେ ରହିଛି, ମାତା ଦୌଡ଼ି ଦୌଡ଼ି ମୁହଁ ବୁଲେଇ ଭୈରବନାଥକୁ ଦେଖିଥିଲେ । ଶେଷରେ ଗୁମ୍ଫାରୁ ବାହାରି କନ୍ୟା ଦେବୀଙ୍କ ରୂପ ଧାରଣ କଲେ ଓ ଭୈରବନାଥ ଫେରି ଯିବାର ସଙ୍କେତ ପାଇ ପୁଣି ଗୁମ୍ଫାକୁ ଚାଲିଗଲେ । କିନ୍ତୁ ଭୈରବନାଥ କିଛି ସମୟ ପରେ ପୁଣି ଗୁମ୍ଫାରେ ପ୍ରବେଶ କରିବାକୁ ଲାଗିଲା । ଏହା ଦେଖି ମାତାଙ୍କ ଗୁମ୍ଫା ଜଗିଥିବା ହନୁମାନ ଭୈରବନାଥ ସହ ଯୁଦ୍ଧ କରିବାକୁ



ଆହ୍ୱାନ ଦେଲେ ଓ ଉଭୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା । ଯୁଦ୍ଧର ଶେଷ ନହେବା ଦେଖି ମାତା ବୈଷ୍ଣୋ ଦେବୀ ମହାକାଳୀ ରୂପ ଧାରଣ କରି ଭୈରବନାଥକୁ ବଧ କରିଦେଲେ ।

ତେବେ କୁହାଯାଏ ଯେ, ଭୈରବନାଥ ନିଜ ମୃତ୍ୟୁ ପରେ ନିଜ ଭୁଲର ଅନୁଭବ କଲେ ଓ ସେ ମାତାଙ୍କ ଠାରୁ କ୍ଷମା ଭିକ୍ଷା କଲେ । ମାତା ବୈଷ୍ଣୋ ଦେବୀ ଜାଣିଥିଲେ ଯେ, ତାଙ୍କ ଉପରେ ଆକ୍ରମଣ କରିବା ପଛରେ ଭୈରବଙ୍କର ପ୍ରମୁଖ ଅଭିପ୍ରାୟ ଥିଲା ମୋକ୍ଷ ପ୍ରାପ୍ତି । ସେ ଭୈରବଙ୍କୁ କେବଳ ପୁନର୍ଜନ୍ମ ଚକ୍ରରୁ ମୁକ୍ତି ପ୍ରଦାନ ନୁହେଁ, ବରଂ ତାକୁ ବରଦାନ ଦେଇ କହିଲେ, "ମୋର ଦର୍ଶନ ସେପର୍ଯ୍ୟନ୍ତ ସଫଳ ହେବନି, ଯେପର୍ଯ୍ୟନ୍ତ କୌଣସି ଭକ୍ତ ମୋ ପରେ ତୁମର ଦର୍ଶନ କରିବେ ନାହିଁ !"

**ମନ୍ଦିରର କଥା:** ଉପରୋକ୍ତ କଥାକୁ ତାହା ଠାରୁ ବହୁ ଅଧିକ ଭକ୍ତ ଥିଲେ ।

ସେ ଭାବୁଥିଲେ ଯେ, ଏତେ କମ୍ ସାମଗ୍ରୀରେ ସମସ୍ତଙ୍କ ପାଇଁ ଭୋଜନ କିପରି ହେବ । ପୂଜା ପୂର୍ବ ଦିନ ଏକଥା ଭାବି ଶ୍ରୀଧର ଟିକେ ବି ଶୋଇ ପାରିଲେ ନାହିଁ । ତଥାପି ମାତାଙ୍କ ଉପରେ ତାଙ୍କର ବିଶ୍ୱାସ ଥିଲା । ସେ ତାଙ୍କର ଝୁମ୍ପୁଡ଼ି ବାହାରେ ପୂଜାରେ ବସିଲେ । ମଧ୍ୟାହ୍ନ ପର୍ଯ୍ୟନ୍ତ ଅତିଥି ମାନେ ପହଂଚିଗଲେ । ଆଶ୍ଚର୍ଯ୍ୟର କଥା ଯେ ସେହି ଛୋଟିଆ ଝୁମ୍ପୁଡ଼ିରେ ଅତିଥି ମାନେ ସହଜରେ ବସି ପାରିଲେ ।

ଶ୍ରୀଧର ନିଜର ଆଖି ଖୋଲିଲେ ଓ ଭାବିଲେ, 'ଏ ସମସ୍ତଙ୍କୁ ସନ୍ତୁଷ୍ଟ କିପରି କରିବି !...'ଏତିକିବେଳେ ଗୋଟିଏ ଛୋଟ ଝିଅ ଝୁମ୍ପୁଡ଼ି ଭିତରୁ ବାହାରି ଆସିବା ଦେଖାଗଲା । ସେ ଭଗବାନଙ୍କ କୃପାରୁ ହିଁ ଆସିଥିଲା । ସେ ନିଜେ ସମସ୍ତଙ୍କୁ ସ୍ୱାଦିଷ୍ଟ ଭୋଜନ ପରଶିଲା । ସବୁକିଛି ସୁରୁଖୁରୁରେ ସଂପନ୍ନ ହେଲା । ଏବେ ଶ୍ରୀଧର ସେହି ଛୋଟ ଝିଅଟି ସଂପର୍କରେ ଜାଣିବାକୁ ଚାହିଁଲେ ମଧ୍ୟ ସେ ଆଉ କେଉଁଠି ଦେଖାଗଲା ନାହିଁ ।





ବୈଷ୍ଣୋ ଦେବୀଙ୍କ ଭକ୍ତ ଶ୍ରୀଧର ସଂପର୍କରେ ଦେଖା ଯାଇପାରେ । ସାତ ଶହରୁ ଅଧିକ ବର୍ଷ ତଳେ କଟରାରୁ କିଛି ଦୂରରେ ଅବସ୍ଥିତ ହଂସାଳୀ ଗାଁରେ ମା'ବୈଷ୍ଣୋ ଦେବୀଙ୍କ ପରମ ଭକ୍ତ ଶ୍ରୀଧର ରହୁଥିଲେ । ସେ ନିଃସନ୍ତାନ ଓ ଦରିଦ୍ର ଥିଲେ । ସେ ପ୍ରାୟ ଭାବୁଥିଲେ, ଦିନେ ସେ ମାତାଙ୍କ ପୂଜା ରଖିବ । କିଛି ଦିନ ପରେ ଶ୍ରୀଧର ଆଖପାଖର ସବୁ ଗାଁ ଲୋକଙ୍କୁ ପ୍ରସାଦ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କଲେ । ପୂଜା ଦିନ ଶ୍ରୀଧର ଘର ଘର ବୁଲିଲେ, ଯେପରି କିଛି ଭୋଜନ ସାମଗ୍ରୀ ମିଳିବ ଓ ସେଥିରେ ଭକ୍ତ ମାନଙ୍କୁ ସେ ପ୍ରସାଦ ଖୁଆଇ ପାରିବେ । ଯେତିକି ଲୋକେ ତାଙ୍କୁ ସାହାଯ୍ୟ ଦେଲେ,

ଏହାର ଅନେକ ଦିନ ପରେ ସେହି ଛୋଟ ଝିଅ ସଂପର୍କରେ ଶ୍ରୀଧର ସ୍ୱପ୍ନରେ ଜାଣିଲେ ଯେ, ସେହି ଝିଅଟି ସ୍ୱଂୟ ବୈଷ୍ଣୋ ଦେବୀ ଥିଲେ । ମାତାଙ୍କ ରୂପରେ ଆସିଥିବା କନ୍ୟା ତାଙ୍କୁ ଗୁମ୍ଫା ସଂପର୍କରେ କହିଲେ ଓ ୪ ପୁତ୍ରଙ୍କ ବରଦାନ ସହିତ ଆଶୀର୍ବାଦ ଦେଲେ । ଶ୍ରୀଧର ପୁଣି ଥରେ ଖୁସି ହୋଇଗଲେ ଓ ଗୁମ୍ଫାର ଅନୁସନ୍ଧାନରେ ବାହାରି ପଡ଼ିଲେ । ଏହାର କିଛି ଦିନ ପରେ ତାଙ୍କୁ ସେହି ଗୁମ୍ଫା ମିଳିଗଲା । ସେବେ ଠାରୁ ସେଠାରେ ମାତାଙ୍କ ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ଯିବାରେ ଲାଗିଲେ ।

**ଶରତ କୁମାର ରାଉତ**
ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

# ଚଉଦକୁଲାଟ ସମିତି ପକ୍ଷରୁ ଚାଷୀଙ୍କୁ ଫର୍ମ ବଣ୍ଟନ



କେନ୍ଦ୍ରାପଡ଼ା (ପିଏନ୍): ଆଗାମୀ ଖରିଫ ଋତୁ ପାଇଁ ଚାଷୀମାନଙ୍କ ନାମ ପଞ୍ଜିକରଣ କରିବା ପାଇଁ ଚଉଦକୁଲାଟ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଫର୍ମ ବଣ୍ଟନ କରାଯାଇଛି । ଚାଷୀମାନେ ଏବେଠାରୁ ନାମ ପଞ୍ଜିକରଣ କରିଲେ ଆଗାମୀ ଡିସେମ୍ବର ମାସରେ ସେମାନେ ଯେଉଁ ଧାନ ଅମଳ କରିବେ ତାହାକୁ ସମିତି ମାଧ୍ୟମରେ ସରକାରଙ୍କୁ ବିକ୍ରି କରି ପାରିବେ । ଏବେଠାରୁ ଯେଉଁ ଚାଷୀମାନେ ନାମ ପଞ୍ଜିକରଣ ପ୍ରକ୍ରିୟାରେ ନିଜକୁ ସାମିଲ କରିବେ ନାହିଁ ସେମାନେ ସମବାୟ ସମିତି ମାଧ୍ୟମରେ ସରକାରଙ୍କୁ ଧାନ ବିକ୍ରି କରି ପାରିବେ ନାହିଁ । ତେଣୁ ଯେଉଁ ଚାଷୀମାନେ ଧାନ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି ସେମାନଙ୍କୁ ସମିତି ମାଧ୍ୟମରେ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଇଥିଲା । ଯାହା ଫଳରେ ଚାଷୀମାନେ ସମିତିକୁ ଆସି ନାମ ପଞ୍ଜିକରଣ ଫର୍ମ ନେଇଛନ୍ତି । ଏଥିସହ ଚାଷୀମାନେ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନାରେ ନିଜକୁ ସାମିଲ କରିଛନ୍ତି ବୋଲି କହିଛନ୍ତି ସମିତି ସମ୍ପାଦକ ହେମନ୍ତ କୁମାର ପାତ୍ର । ଗୁରୁବାର ଚଉଦକୁଲାଟ ସମବାୟ ସମିତି ସଭାପତି ଦୁର୍ଗାଶିଷ ମହାନ୍ତି ଏହି ଫର୍ମ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମିତିର ୧୧ ଜଣ ନିର୍ଦ୍ଦେଶକ, ସର୍ବେଶ୍ୱର ଲେଙ୍କା, ଲିଆକତ ଅଲ୍ଲୀ, ରାଜକିଶୋର ସେଠୀ, ମନୋରଞ୍ଜନ ଦାସ, ନିରାକାର ସମାଲ, ସୁରେଶ ଚନ୍ଦ୍ର ମାହାନ୍ତି ପ୍ରମୁଖ ଚାଷୀମାନେ ଉପସ୍ଥିତ ଥିଲେ ।

# ରାଷ୍ଟ୍ରପତି ଭବନକୁ ଦ୍ରୌପଦୀଙ୍କ ଫଟୋଚିତ୍ର ପଠାଇବେ ସୌମ୍ୟରଞ୍ଜନ



କେନ୍ଦ୍ରାପଡ଼ା (ପିଏନ୍): ଭାରତର ନବନିର୍ବାଚିତ ରାଷ୍ଟ୍ରପତି ତଥା ଓଡିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କ ଫଟୋଚିତ୍ର ଆଙ୍କି ଚର୍ଚ୍ଚାରେ ରହିଛନ୍ତି କେନ୍ଦ୍ରାପଡ଼ାର ଯୁବ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ । ୩ ଫୁଟ୍ ଉଚ୍ଚତା ଓ ୨.୫ ଫୁଟ୍ ଚଉଡ଼ାର ଫଟୋଚିତ୍ରଟି ଆଙ୍କିବା ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ୭ଦିନ ସମୟ ଲାଗିଛି । ନିଖୁଣ ଭାବେ ସେ ଏହି ଫଟୋଚିତ୍ରଟିକୁ ଆଙ୍କିଛନ୍ତି । ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ଶପଥ ନେବାପରେ ଶ୍ରୀ ପଟ୍ଟନାୟକ ଫଟୋଚିତ୍ରଟିକୁ ରାଷ୍ଟ୍ରପତି ଭବନ ରାଇସିନା ହିଲକୁ ପଠାଇବେ ବୋଲି ଗଣମାଧ୍ୟମକୁ କହିଛନ୍ତି । ଶ୍ରୀ ପଟ୍ଟନାୟକ ହେଉଛନ୍ତି କେନ୍ଦ୍ରାପଡ଼ାର କ୍ରୀଷ୍ଣା ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟର ନିର୍ଦ୍ଦେଶକ । ଏଥିସହ ଶ୍ରୀ ପଟ୍ଟନାୟକ କାକଟମଙ୍ଗଳା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି । ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଦ୍ରୌପଦୀ ମୁର୍ମୁ ଭାରତର ପଞ୍ଚଦଶତମ ରାଷ୍ଟ୍ରପତି ହେବାର ସୁଯୋଗ ପାଇଛନ୍ତି । ଏଥିସହ ସେ ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ଭାବେ ଦେଶର ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହେବେ । ତେଣୁ ତାଙ୍କ ଫଟୋଚିତ୍ର ଆଙ୍କି ମୋତେ ବେଶ ଆନନ୍ଦ ମିଳିଛି । ପୂର୍ବରୁ ମୁଁ ଯେତେ ଫଟୋଚିତ୍ର ଆଙ୍କିଛି ସେଥିମଧ୍ୟରୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବା ଦ୍ରୌପଦୀ ମୁର୍ମୁଙ୍କ ଫଟୋଚିତ୍ର ଅଙ୍କନ କରି ମୋତେ ସବୁଠୁ ଅଧିକ ଆନନ୍ଦ ମିଳିଛି ବୋଲି କହିଛନ୍ତି ଯୁବ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅକ୍ଟୋବର ୧୧

# ଚାହିଁ ଜଳକା



ଉଜ୍ଜ୍ୱଳାନନ୍ଦ ଅଜୟ କୁମାର ବେହେରା

ପ୍ରାଚୀନ ପରମ୍ପରାରେ ଆଧୁନିକ ଚିନ୍ତନ ଲୋକଙ୍କ ଅଭିରୁଚି ମିଶି ଏକ ଖେଚୁଡ଼ି ପରମ୍ପରା ହେବା ଦିଗକୁ ବେଳକୁ ବେଳେ ସମୟ ଆଗଉଛି। ଲେଖା ରହିଛି ଓଷାବ୍ରତ ପୂଜା ଶ୍ରାଦ୍ଧ ଏହାର ଶଙ୍କୁ କେବଳ ରହିଛି, ଉପଯୁକ୍ତ ଭାବରେ ତାହାର ପୂର୍ବ ନିମୟରେ ପାଳନ କରାଯାଉନାହିଁ। ଉଦାହରଣ ସ୍ୱରୂପ ବଡ଼ଓଷା, ପ୍ରଭୁ ଧବଳେଶ୍ୱରଙ୍କର ଏ ଓଷା ବର୍ଷରେ ଥରେ କାର୍ତ୍ତିକ ମାସରେ ଏହାର ପାଳନ କରାଯାଏ। ଧବଳେଶ୍ୱରରେ ଲୋକ ସଂଖ୍ୟା ପୂର୍ବପେକ୍ଷା କୁହୁଡ଼ି ବଢ଼ିଛନ୍ତି। ପୂର୍ବେ ଡଙ୍ଗାରେ ଲୋକେ କଟକ ପଟୁ ନୌକାରେ ପାରିହୋଇ ଓ ମହାନଦୀର ଆରପଟୁ ଡଙ୍ଗାରେ ପାରି ହୋଇ ଏ ଓଷାରେ ବହୁସଂଖ୍ୟାରେ ଆସୁଥିଲେ। ସେତେବେଳେ କଷ୍ଟ ଓ କାଷ୍ଠା ଓଷେଉତିଙ୍କର ଯାହାଥିଲା ଏ ସମୟରେ ଝୁଲାପୋଲ ଆଦି ଯାତ୍ରା ପ୍ରବେଶକୁ ସୁବିଧା ହେଲେ ବି ଓଷାର କଠିନ ନିୟମ ସଠିକ କରାଯାଉନାହିଁ। ପୁଣି କଣ ମିଳିଯାଇପାରେ ବୋଲି ଲୋକେ ଦେଖା ଶିକ୍ଷାରେ ଅଯଥା ଭିଡ଼ ଲଗାଉଛନ୍ତି। ଠାକୁର ମନ୍ଦିର ସେବକଙ୍କ ଆୟ ବଢ଼ିଛି ମାତ୍ର ପୂର୍ବପରି ନିୟମ ପାଳନ ବଡ଼ଓଷାର କାଷ୍ଠା ଶକ୍ତ ଏକବାର ଭୋଜନ କେହି ସଠିକ କରୁନାହାଁନ୍ତି। ବହୁଲୋକଙ୍କର ଡାଇବେଟିସ ଯୋଗୁ କଷ୍ଟା କରିବା ଅରୁଆ ଖାଇବା ଓଷା ନିୟମକୁ ଜଟିଳ କରୁଛି। କେବଳ ଠାକୁର ଦର୍ଶନ ଅଛି ଜପ ଧ୍ୟାନ ଗୁହାରି କରିବାକୁ ସ୍ଥାନ ନାହିଁ କି ବାହାରକୁ ବସିବା ପାଇଁ ବେଳ ନାହିଁ। ହଳଦୀ ଚାଉଳ ବିରିବଟା ଏବେ ଘରେ ଘରେ ନାହିଁ। ବୋହୁ ଯୌତକକୁ ଶିଳଚକି କୁଲା ବାଉଁଶିଆ କଂସା ବାସନ କୁସନ ଆସୁଛି ମାତ୍ର ତାହା କେବଳ ଥୁଆ ହେଉଛି। ଅତଏବ ଲୋକେ ଏସବୁରୁ ଆଗ୍ରହ କମାଇ ଦେଲେଣି। ଶୁଖୁଆ ବିକ୍ରୟ ପାଇଁ ଆସୁଛି। ଏମିତି କେଳା ଏସବୁର ବହୁଳ ବ୍ୟବହାର କମିଛି ଓ କୁକୁଡ଼ା ମାଂସ ଅଣ୍ଡା ଏହାର ବଜାର ତେଜି ରହିଛି। ଶୁଖୁଆ ଏବେ ପୂର୍ବ ନିୟମରେ କରାଯାଉନାହିଁ। ଶୁଖୁଆ ଯେପରି ପାଗ କମଣ ପୂର୍ବେ କରାଯାଉଥିଲା ସେ ପଦ୍ଧତି ଅଚଳ। ଆଶୁ ପଦ୍ଧତିରେ ଏକା ଦିନେ ଶୁଖୁଆ ପ୍ରସ୍ତୁତ ହେବା ପଦ୍ଧତି ଖୋଲିଗଲାଣି। ଲୁଗା ଚାଲାଣ ହେଉଥିଲା। ହେଲେ ଚଲାଣ ଲୁଗା ଏଠାରେ ବିକ୍ରୟ ପାଇଁ ଆସୁଛି। ଯହିଁ ସମ୍ବଲପୁରୀ ନୂଆ ପାଟଣା ବ୍ରହ୍ମପୁରୀ ବସ୍ତ୍ର କେତେ ପରିମାଣରେ ମିଳିଲେ ବି ଉତ୍ତରପ୍ରଦେଶ ବଙ୍ଗ, ଆନ୍ଧ୍ର, ମାଡ୍ରାସ, ବାଙ୍ଗାଲୋର, ମହୀଶୂରର ବସ୍ତ୍ର ମିଳିଯାଉଛି। କପଡ଼ା ସୁରତରୁ ଆସୁଛି। ଏସବୁ ପ୍ରକୃତରେ ବାଲି ଓ ପଡ଼ିଆ ଯାତ୍ରା ଉପଖ୍ୟାନକୁ ଆସିଗଲାଣି। ଅନୁଧ୍ୟାନ କଲେ ଜାଣି ହୋଇଯିବ। କର୍ପୂର ଯାଇଛି କନା ପଡ଼ିଛି। ଅନେକ ଓଡ଼ିଆ ଘରର ପିଠ ପଣା ଏବେ ଦୁର୍ଲ୍ଲଭ। ଲୋକେ ଆନ୍ଧ୍ର ବା ଦକ୍ଷିଣି ପିଠା ଇଡ଼ଲି ଉପମା ମଝିକଣା ବରା, ଦୋଷା ଆଦି ପସନ୍ଦ କରୁଛନ୍ତି। ଏଣ୍ଡୁରୀ, ଚକୁଳି, ଛୁଞ୍ଚିପତ୍ର, ଚିତୋଉ, ମଣ୍ଡା, ପୋଡ଼ପିଠା, ଆରିସା ପରି ପିଠାରୁ ଆଗ୍ରହ କମାଇଲେଣି। ପଣା ସଂକ୍ରାନ୍ତି ହେଉଛି କେମିତି ପଣା ହୁଏ। କଣ କଣ ଦ୍ରବ୍ୟରେ ପଣା ହୁଏ ଏହା ଅଦେଖା। କନ୍ଦ ନାହିଁ, ଚିନି ଏ କାମରେ ଯୋଗ, ଗୁଡ଼, ଦହିଛେନା, ଅଭାବ। ବ୍ରାହ୍ମଣଙ୍କର ମୃତାହରେ ପଣା ନାମ ଅଛି ମାତ୍ର ଭୋଜନ ସେୟାନୁହଁ। ଚୁଡ଼ା, ଦହି, ନଡ଼ିଆ ରାଇ ବ୍ରାହ୍ମଣମାନେ ପସନ୍ଦ କରୁନାହାଁନ୍ତି। ଏପରି ଅନେକ ପ୍ରକାର ସ୍ତରରେ ଆମ ପ୍ରାଚୀନ ପରମ୍ପରା ଅଦେଖା। ଆମେ ସବୁ ଚାହିଁ ଜଳକା।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଭାରତୀୟ ସଂସ୍କୃତିରେ ଜନନୀ ଦଶଭୁଜା



ଭବାଶିଷ ଦାଶ

ସଂସ୍କୃତି କହିଲେ ମାନବର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଜୀବନର ମାନଦଣ୍ଡ ତଥା ମାର୍ଜିତ ଚିନ୍ତାଧାରାକୁ ବୁଝାଏ । ଏହା ଏକ ସଂସ୍କାର ସମ୍ପନ୍ନ ମାନବ ସମାଜର ଅନ୍ତଃସଲୀଳା ଚୀର ପ୍ରବହମାନ ଜହ୍ନବୀ ଧାରା । ଏହା ସାମାଜିକ ଜୀବନ ଠାରୁ ଆରମ୍ଭ କରି ସାଂସ୍କୃତିକ ତଥା ଧାର୍ମିକ ଜୀବନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ପ୍ରତିଫଳିତ । ଭାରତୀୟ ଜନଜୀବନର ସାମଗ୍ରିକ ରୂପ ତାର ଲୋକ – ସଂସ୍କୃତିରେ ପ୍ରତିଫଳିତ । ତେଣୁ ସାମାଜିକ ଆଧ୍ୟାତ୍ମିକ ଓ ରାଜନୈତିକ ଜୀବନର ମଧୁର ସମନ୍ୱୟରେ ପ୍ରତ୍ୟେକ ଦେଶର ସଂସ୍କୃତି ଗଢ଼ି ଉଠିଥାଏ । ସେଥିପାଇଁ ଭାରତ ବର୍ଷ ସର୍ବୋପରି ବହୁ ସଂପ୍ରଦାୟ ଓ ବହୁ ଭାବନାର ସମନ୍ୱିତ ଭୂମି ଏବଂ ମହନୀୟ ଚେତନାର ସମନ୍ୱିତ ତୀର୍ଥ । ଆର୍ଯ୍ୟଭୂମି ଭାରତ ବର୍ଷରେ ଶାକ୍ତ ସଂସ୍କୃତିର ଏକ ବିରାଟ ଐତିହ୍ୟ ରହି ଆସିଛି । ଆର୍ଯ୍ୟ ଓ ଅର୍ଯ୍ୟୋତର ବିଶ୍ୱାସ ଓ ସଂସ୍କାରର ସମନ୍ୱୟରୁ ଶକ୍ତି ଉପାସନା ଆରମ୍ଭ ହୋଇଥିଲା । ପ୍ରଚଳିତ ଶାକ୍ତ ବ୍ରତ ଗୁଡ଼ିକରେ ଦୁର୍ଗା, ଲକ୍ଷ୍ମୀ, ମହାକାଳୀ, ମଙ୍ଗଳା, ସାବିତ୍ରୀ, ଉତ୍ତରାୟଣୀ, ପାର୍ବତୀ, ଆରାଧ ଦେବୀ ରୂପେ ପୂଜା ପାଆନ୍ତି । ମୁଖ୍ୟତଃ ଏକ ଈଶ୍ୱର ଉପରେ ବିଶ୍ୱାସ ରଖିଥିଲେ ହେଁ ବହୁ, ଦେବଦେବୀ ପୂଜା ହିନ୍ଦୁ ସଂସ୍କୃତିର ଏକ ଉଲ୍ଲେଖଯୋଗ୍ୟ ବିଶିଷ୍ଟ୍ୟ । ତେଣୁ ଭାରତ ବର୍ଷରେ ବିଭିନ୍ନ ସମୟରେ ଜୈନ, ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ପଞ୍ଚସଖାଦି ବହୁ ଧର୍ମ ଓ ଦର୍ଶନ ସମ୍ପ୍ରଦାୟର ଉଦ୍ଭବ, ବିକାଶ ଓ ଅପୂର୍ବ ସମନ୍ୱୟ ସଂଘଟିତ ହୋଇ ସେହି ଧର୍ମାନୁସୃତ ବିଭିନ୍ନ ଦେବତା ମାନଙ୍କର ପୂଜା, ଉପାସନା ବ୍ୟାପକ ଭାବରେ ଜନ ସମାଜରେ ପ୍ରଚଳିତ ହୋଇଅଛି । ଭାରତୀୟ ସଂସ୍କୃତିର ଏକ ମୁଖ୍ୟ ବିଭାବ ହେଉଛି ସମନ୍ୱୟ ପ୍ରତିଷ୍ଠା । ଏଠାରେ ବିଷ୍ଣୁ, ଶିବ, ଆଦିତ୍ୟ, ଗଣପତି ଏବଂ ଦୁର୍ଗା ପଞ୍ଚ ଦେବତା ରୂପେ ପୂଜା ପାଇ ଆସୁଛନ୍ତି । ବିଶେଷତଃ ଭାରତୀୟ ଧର୍ମୀୟ ପରମ୍ପରାରେ ଅନେକ ଧାର୍ମିକ ଚିନ୍ତାଧାରାର ଉତ୍‌ଥାନ ଓ ପତନ ସତ୍ତ୍ୱେ ଏହି ପଞ୍ଚୋପାସନା ମଧ୍ୟରେ ଶକ୍ତି ଉପାସନା ବିଶେଷ ଆଦୃତି ଲାଭ କରିଛି । ଭାରତର ବିଭିନ୍ନ ସ୍ଥାନରେ ବରାହୀ ଭୈରବିମନସା, ପନ୍ନଶବରୀ, ତାରା, ଅମ୍ବା ଅମ୍ବାଳିକା ପ୍ରଭୃତି ଶାକ ଦେବୀ ମାନଙ୍କ ସହ ଚତୁର୍ଭୁଜା, ଷଡ଼ଭୁଜା, ଅଷ୍ଟଭୁଜା, ଦଶଭୁଜା, ଦ୍ୱାଦଶଭୁଜା, ଷୋଡ଼ସଭୁଜା, ମହିଷାମର୍ଦ୍ଦିନୀ ଦୁର୍ଗା ଉପାସିତା ହୋଇ ଆସୁଛନ୍ତି । ବିଭିନ୍ନ ବୈଦିକ ଶାସ୍ତ୍ର ମାନଙ୍କରେ ଶକ୍ତି ଉପାସନାର ବିପୁଳ ବର୍ଣ୍ଣନା ଦେଖିବାକୁ ମିଳେ । ରାମାୟଣରେ – ଉମା, ଗିରିଜା, ରୁଦ୍ରାଣୀ, ପାର୍ବତୀ, ନାଗମାତା, କାଳରାତ୍ରି ପ୍ରଭୃତି ଦେବୀ ମାନଙ୍କର ନାମ ଉଲ୍ଲେଖ କରାଯାଇଛି । ମହାଭାରତ ବିରାଟ ପର୍ବରେ ଯୁଧିଷ୍ଠିରଙ୍କ ଦୁର୍ଗାସ୍ତବ, ଭୀଷ୍ମ ପର୍ବରେ ଅର୍ଜୁନଙ୍କ ଦୁର୍ଗାସ୍ତୋତ୍ର ଏବଂ ହରିବଂଶର ଆର୍ଯ୍ୟସ୍ତବରେ ମଧ୍ୟ ଶକ୍ତି ଉପାସନାର ଯଥେଷ୍ଟ ପ୍ରମାଣ ଦର୍ଶିତ ହୋଇଛି । ପ୍ରାଚୀନ କାଳରୁ ଭାରତୀୟ ଜନଜୀବନରେ ବିଭିନ୍ନ ପରିବେଶ, କିମ୍ବଦନ୍ତୀ, ଧର୍ମୀୟ, ମତାମତ ଓ ଚିନ୍ତା ଧାରାକୁ ଭିତ୍ତି କରି ବହୁମୁଖୀ ଆଭିମୁଖ୍ୟ ସହ ଶକ୍ତି ଉପାସନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହି ଆସିଛି । ଆନନ୍ଦ ଉପଭୋଗ କରିବା ସଙ୍ଗେ ସଙ୍ଗେ ସୁସଂଯତ ଓ ସୁସଂହତ ସାମାଜିକ ଜୀବନ ଯାପନ କରି ଧର୍ମ, ସଂସ୍କୃତି ଓ ସଭ୍ୟତାକୁ ଋଦ୍ଧିମନ୍ତ କରିବା ସମସ୍ତ ଓଷାବ୍ରତ ପାଳନ ଓ ଦେବ ଦେବୀ ଉପାସନାର ମୂଳ ଉଦ୍ଦେଶ୍ୟ । କିନ୍ତୁ ଆଜି ଏ ବସ୍ତୁବାଦୀ ଦୁନିଆରେ ସଂସ୍କୃତି, ସଭ୍ୟତା ଓ ସମୟର ବିବର୍ତ୍ତନ ଫଳରେ ସବୁକିଛି ଓଲଟ ପାଲଟ ହୋଇଗଲାଣି । ମହାମାୟା ଜଗଧାତ୍ରୀ ଦେବୀ, ପଞ୍ଚମ ଶ୍ଳୋକରେ କହିଛନ୍ତି ସଂହାର କର୍ତ୍ତା ରୁଦ୍ର ଯେତେବେଳେ ସ୍ତୋତ୍ର-ବିଦ୍ୱେଷୀକୁ ହତ୍ୟା କରିବାକୁ ଉଦ୍ୟତ ହୁଅନ୍ତି, ମୁଁ ସେତେବେଳେ ତାଙ୍କର ଧନୁକୁ ବିସ୍ତାରିତ କରିଦିଏ ଏବଂ ଜନ ସମାଜରେ ସତ୍ୟ, ଧର୍ମ, ନ୍ୟାୟର ପ୍ରତିଷ୍ଠା କରିବା ପାଇଁ ମୁଁ ଅନ୍ୟାୟ ଅସତ୍ୟ ଓ ଅଧର୍ମ ବିରୁଦ୍ଧରେ ଯୁଦ୍ଧକରେ । ସୃଷ୍ଟି ବିଧ୍ୱଂଶକାରୀ ମହିଷାସୁର ବିରୁଦ୍ଧରେ ମଙ୍ଗଳମୟୀ ଦେବୀଙ୍କର ସେ ଦିନର ରୋମାଞ୍ଚକାରୀ ଯୁଦ୍ଧ ଅଭିଯାନ ଏବେ ମଧ୍ୟ ଜନ ମାନସକୁ ଆଲୋଡ଼ିତ କରେ । ହେ ଅମୃତର ସନ୍ତାନଗଣ ଥରେ ଚିନ୍ତାକରି ଦେଖନ୍ତୁ ଗୋଟିଏ ମହିଷାସୁରକୁ ନିହତ କରିବା ପାଇଁ ସୃଷ୍ଟିର ସମସ୍ତ ଦେବ ଦେବୀ, ମଙ୍ଗଳମୟୀ ଜନନୀ ଦଶଭୁଜାଙ୍କୁ ସେମାନଙ୍କର ସମସ୍ତ ଅସ୍ତ୍ରଶସ୍ତ୍ର ଅର୍ପଣ କରିଥିଲେ । କିନ୍ତୁ ଆଜିର ବସ୍ତୁବାଦୀ ଦୁନିଆରେ ଯେଉଁ ସହସ୍ର ସହସ୍ର ମହିଷାସୁର ଜନ୍ମନେଇ ସମଗ୍ର ଜନଜୀବନରେ ଆତଙ୍କର ଛାୟା ଖେଳାଇ ଦେଲେଣି ସେମାନଙ୍କୁ ସଂହାର କରିବା ପାଇଁ କେଉଁ ଅସ୍ତ୍ରର ପ୍ରୟୋଜନ ଅଛି । ଏବେ ମଧ୍ୟ ସମୟ ଅଛି ଦୁର୍ଗତି ନାସିନୀ ଜଗଜ୍ଜନନୀଙ୍କ ଶୁଭାଗମନରେ ପଶୁବଳୀ ପରି ନାରକୀୟ କାଣ୍ଡ ପରିବର୍ତ୍ତେ ନିଜ ଭିତରେ ସ୍ଥାନ ଦେଇଥିବା ଇର୍ଷା, ଅସୂୟା, ପରଶ୍ରୀକାତରତା, ଅହମିକା ତଥା ନାନାଦି ସଂକୀର୍ଣ୍ଣତା ରୂପକ ମହିଷାସୁରକୁ, କଲ୍ୟାଣମୟୀ ଜନନୀ ଦଶଭୁଜାଙ୍କ ପଦାର ବିନ୍ଦରେ ବଳୀ ଦେଇ ଚୀର ପ୍ରବହମାନ ଧର୍ମ, ସଂସ୍କୃତି ଓ ସଭ୍ୟତାକୁ ମାର୍ଜିତ ଓ ସୁସହନ୍ତ କରିପାରିଲେ ସାରା ଜଗତରୁ ଦୁଃଖର ଦାବାନଳ ନିର୍ବାପିତ ହୋଇଯିବ ।

*ଆଇନଜୀବୀ, ପୂର୍ବତନ ଆବାହକ,*
*ଶ୍ରୀସତ୍ୟସାଇ ସେବା ସମିତି,*
*କଟକ,*
*ଦୂରଭାଷ : ୯୮୬୧୧୧୮୬୭୩*

# ନାରୀ ସଶକ୍ତିକରଣର ସନ୍ଦେଶ ଦିଏ ନବରାତ୍ର



ଗୋପାଳ ମହାପାତ୍ର

ପର୍ବ ପର୍ବାଣୀ ଆମ ସଂସ୍କୃତିର ପ୍ରତୀକ। ଏଥିରୁ ଆମକୁ ଜଣାପଡେ ଯେ ଆମ ପ୍ରାଚୀନ ସଂସ୍କୃତି କେତେ ବିଶାଳ, ସଂପନ୍ନ ଏବଂ ସମୃଦ୍ଧ। ନବରାତ୍ର ଭାରତୀୟ ସଂସ୍କୃତିର ମହାନତାକୁ ଦର୍ଶାଇଥାଏ। ବିଗତ କିଛି ଦଶନ୍ଧି ହେବ ଦେଶରେ ମହିଳା ଶସକ୍ତିକରଣ କଥା କୁହାଯାଉଛି ଓ ସରକାର ବିଭିନ୍ନ ଯୋଜନାମାନ କରୁଛ' । କିଛି ଲୋକ ବିଦେଶର ଉଦାହରଣ ଦେଇ କହୁଛ' ଯେ ସେଠାକାର ମହିଳାମାନେ ଶସକ୍ତ ଏବଂ ସେମାନଙ୍କୁ ମାତ୍ରାଧିକ ଅଧିକାର ପ୍ରାପ୍ତ ହୋଇଛି, ଏକଥା କହୁଥିବା ଲୋକେ କିଁ ଆମ (ନିଜ) ଦେଶର ଇତିହାସକୁ ନେଇ ଚିଂନ ଏବଂ ମନନ କରୁନାହାଁ' । ବାସ୍ତବରେ ଭାରତ ହେଉଛି ବିଶ୍ୱର ଏକମାତ୍ର ଏମିତି ଦେଶ ଯେଉଁଠି ମହିଳାଙ୍କୁ ପୁରୁଷଙ୍କ ସହ ସମାନ ବୋଲି ଗ୍ରହଣ କରାଯାଇଛି। ଭାରତରେ ଦେବୀ ମାନଙ୍କର ପୂଜା- ଅର୍ଚ୍ଚନା କରାଯାଇଥାଏ ଓ ଏହା ପୁଣି ଦେବତାଙ୍କ ପୂଜା ଭଳି। ଦେବୀଙ୍କ ସ୍ଥାନ ଦେବତାଙ୍କ ପୂର୍ବରୁ କୁହାଯାଏ ଯଥା- ରାଧା କୃଷ୍ଣ, ସୀତାରାମ, ପାର୍ବତୀ ଶଙ୍କର ଆଦି। ଭଗବାନ ଶିବଙ୍କ ସହ ଦେବୀ ପାର୍ବତୀଙ୍କ ପୂଜା କରାଯାଏ। ସେଇଥିପାଇଁ ' ନମୋ ନମଃ ଶଙ୍କର ପାର୍ବତୀଭ୍ୟାଂ' ବୋଲି ଶିବଙ୍କ ସ୍ତୋତ୍ରରେ ଉଲ୍ଲେଖ ରହିଛି । ସେହିଭଳି ରାମ ସୀତାଙ୍କ କ୍ଷେତ୍ରରେ 'ରଘୁନାଥାୟ ନାଥାୟ ସୀତାୟା ପତୟେ ନମଃ' ବୋଲି ଉଲ୍ଲେଖ ଅଛି। ରାମଙ୍କ ସହ ସୀତାଙ୍କୁ ପୂଜା କରାଯାଏ। ମାନ୍ୟତା ଅନୁସରାରେ ଶକ୍ତି ସ୍ୱରୂପିଣୀ ବା ଶକ୍ତିର ଦେବୀ ହେଉଛନ୍ତି ଦୁର୍ଗା। ଧନ ଏବଂ ସମୃଦ୍ଧିର ଦେବୀ ହେଉଛନ୍ତି ଲକ୍ଷ୍ମୀ ଏବଂ ଜ୍ଞାନର ଦେବୀ ହେଉଛନ୍ତି ସରସ୍ୱତୀ। ଏକଥା ଉଲ୍ଲେଖ କରିବାର ଅଭିପ୍ରାୟ ହେଉଛି ମନୁଷ୍ୟର ଜୀବନରେ ଯେଉଁ ସବୁ ବସ୍ତୁ ବା ଜିନିଷର ଆବଶ୍ୟକତା ରହିଛି ସେସବୁ ଏହି ଦେବୀ ମାନେହିଁ ପ୍ରଦାନ କରିଥାନ୍ତି। ମନୁଷ୍ୟର ଜୀବନକୁ ଅନୁଶାସନରେ ରଖିବା ଏବଂ ଆଦର୍ଶ ଜୀବନ ଯାପନ ପାଇଁ ଭଗବାନ ହେଉଛନ୍ତି ମନୁଷ୍ୟର ବିଶ୍ୱାସ ଏବଂ ଶ୍ରଦ୍ଧାର କେନ୍ଦ୍ର। ନବରାତ୍ର ଦେବୀ ଦୁର୍ଗାଙ୍କୁ ସମର୍ପିତ ଏକ ମହତ୍ୱପୁର୍ଣ୍ଣ ପର୍ବ। ଏହି ପର୍ବ ବର୍ଷରେ ୪ଥର ଯଥା, ଚୈତ୍ରମାସ, ଆଷାଢ଼ମାସ, ଆଶ୍ୱିନ ମାସ ଓ ମାଘ ମାସରେ ପାଳନ କରାଯାଇଥାଏ। ଏହି ୪ଟି ମଧ୍ୟରୁ ଚୈତ୍ରମାସ ଓ ଆଶ୍ୱିନ ମାସରେ ପଡୁଥିବା ନବରାତ୍ରର ମହତ୍ୱ ଅଧିକ ବୋଲି କୁହାଯାଏ। ମାଘମାସ ଓ ଆଷାଢ଼ ମାସରେ ପଡୁଥିବା ନବରାତ୍ରକୁ ଗୁପ୍ତ ନବରାତ୍ର ବୋଲି କୁହାଯାଏ କାରଣ ଏ ଦୁଇ ନବରାତ୍ର ପାଇଁ ସାର୍ବଜନିକ ଉତ୍ସବର ଆୟୋଜନ କରାଯାଇନଥାଏ।

ଆଶ୍ୱିନ ମାସର ନବରାତ୍ରକୁ ଶାରଦୀୟ ନବରାତ୍ର କୁହାଯାଏ। ଆଶ୍ୱିନମାସର ଶୁକ୍ଳପକ୍ଷ ପ୍ରଥମ ପ୍ରତିପଦା ତିଥିଠାରୁ ଏହି ପର୍ବର ଆରମ୍ଭ ହୋଇଥାଏ। ପ୍ରଥମଦିନ ଶୁଭ ମୁହୁର୍ତ୍ତରେ କଳଶ ସ୍ଥାପନ କରାଯାଇଥାଏ। ନବରାତ୍ରରେ ୯ଦିନ ଦେବୀ ଦୁର୍ଗାଙ୍କର ୯ରୂପର ପୂଜା- ଅର୍ଚ୍ଚନା କରାଯାଇଥାଏ। ପ୍ରଥମ ଦିନ ଦେବୀ ଦୁର୍ଗାଙ୍କୁ ଶୈଳପୁତ୍ରୀ ରୂପରେ ପୂଜା କରାଯାଏ। ସେହିପରି ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ, ତୃତୀୟ ଦିନରେ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନରେ କୁଷ୍ମାଣ୍ଡା, ପଞ୍ଚମଦିନରେ ସ୍କନ୍ଦମାତା, ଷଷ୍ଠ ଦିନରେ କତ୍ୟାୟନୀ, ସପ୍ତମ ଦିନରେ କାଳରାତ୍ରୀ, ଅଷ୍ଟମଦିନରେ ମହାଗୌରୀ ଓ ନବମ ଦିନରେ ସିଦ୍ଧିଦାତ୍ରୀ ରୂପରେ ପୂଜା କରାଯାଏ। ଦେବୀଙ୍କ ସାଧନା ପୂଜାର୍ଚ୍ଚନାରେ ମଣିଷର ସମସ୍ତ ପାପ ନାଶ ହୋଇଥାଏ ଓ ତାର ମୋକ୍ଷପ୍ରାପ୍ତି ହୋଇଥାଏ। ବାସ୍ତବରେ ନବରାତ୍ରର ପର୍ବ ନାରୀ ଶକ୍ତିର ଉତ୍ସବ ଅଟେ। ପ୍ରାଚୀନ କାଳରୁ ହିଁ ଏହି ପର୍ବ ଆମର ସଂସ୍କୃତିରେ ନାରୀ ଶକ୍ତିର ପ୍ରତୀକ ଭାବେ ରହି ଆସିଛି। କନ୍ୟା ପୂଜନରୁ ଗୋଟିଏ କଥା ସ୍ପଷ୍ଟ ଯେ ଆମ ସମାଜରେ କନ୍ୟା (ମହିଳା)ଙ୍କର ସ୍ଥାନ ସର୍ବାଗ୍ରେ ରହିଛି। ନବରାତ୍ର ଶକ୍ତିର ପ୍ରତୀକ ଅଟେ ଓ ଏଥିରେ ନାରୀ (ମହିଳା) ଶକ୍ତିର ଉପାସନା କରାଯାଏ ଓ ନିଜ ଭିତରେ ଶକ୍ତିକୁ ଜାଗ୍ରତ କରାଯାଏ। ଏହି ଉତ୍ସବ / ପୂଜାରେ କେବଳ ଦେବୀଙ୍କୁ ଭକ୍ତି କରାଯାଏ ବୋଲି ଯାହା କୁହାଯାଏ ତା ନୁହେଁ ବରଂ ଏହାଦ୍ୱାରା ଆମର ଅଂଃଚେତନାକୁ ଜାଗ୍ରତ କରାଯାଉଥାଏ। ନବରାତ୍ରରେ ଦୁର୍ଗା ସପ୍ତଶତି ପାଠ କରାଯାଏ ଯେଉଁଥିରୁ ସ୍ପଷ୍ଟ ଜଣାପଡ଼େ ଯେ ଦେବୀ ଦୁର୍ଗା ଅତ୍ୟାଚାର ଏବଂ ଅନ୍ୟାୟ ବିରୁଦ୍ଧରେ ଅଷ୍ଟଶକ୍ତିର ପ୍ରୟୋଗ କରି ଅସୁର ବିନାଶ କରିଥିଲେ। ଏହି ପର୍ବ ମନେ ପକାଇ ଦେଇଥାଏ ଯେ ସମାଜରେ ମହିଳାଙ୍କ ସ୍ଥାନ କେଉଁଠି ? ଓାରଦୀୟ ନବରାତ୍ର ପାଳନର ଇତିହାସ ମଧ୍ୟ ରହିଛି। ବିଭିନ୍ନ ପୁରାଣ-ଯଥା -ଦେବୀ ଭାଗବତରେ ୧୦୮ଟି ଦେବୀ (ଶକ୍ତି)ଙ୍କ ପୀଠ କଥା ଉଲ୍ଲେଖ ଥିବା ବେଳେ କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗ ଶପ୍ତ ଶତି ଏବଂ ତନ୍ତ୍ରଚୂଡାମଣିରେ ଶକ୍ତିପୀଠର ସଂଖ୍ୟା ୫୨ ବୋଲି କୁହାଯାଇଛି। ଏସବୁ ଶକ୍ତିପୀଠର ସ୍ଥାପନାର ସମୟ ଏବଂ କିଏ ସ୍ଥାପନ କରିଥିଲେ ସେ ବାବଦରେ କୌଣସି ସଠିକ୍ ନିର୍ଣ୍ଣୟ ନାହିଁ କାରଣ ଏସବୁ ମାତା ସତୀ(ପାର୍ବତୀ) ଏବଂ ଶିବଙ୍କ କଥା ସହ ଜଡିତ। ତଥାପି ପୁରାଣ ଉପରେ ଜ୍ଞାନଥିବା ବ୍ୟକ୍ତିଙ୍କ ମତ ହେଉଛି ଶକ୍ତିପୀଠ ସବୁ ରାମାୟଣ କାଳର ପୂର୍ବ ସମୟର। ବାଲ୍ମିକୀ ରାମାୟଣ ଅନୁସାରେ କିଷ୍କିନ୍ଧ୍ୟା ନିକଟରେ ଋଷ୍ୟମୁକ ପର୍ବତରେ ପ୍ରଭୁ ଶ୍ରୀରାମ ଲଙ୍କାଗତର ରାବଣ ସହ ଯୁଦ୍ଧ କରିବା ପୂର୍ବରୁ ମାତା ଦୁର୍ଗା (ଶକ୍ତି)ଙ୍କର ଉପାସନା କରିଥିଲେ, ବ୍ରହ୍ମା ଭଗବାନ ଶ୍ରୀରାମଙ୍କୁ ଦେବୀ ଦୁର୍ଗାଙ୍କୁ ଚଣ୍ଡୀ ରୂପରେ ପୂଜା କରିବା ପାଇଁ ପରାମର୍ଶ ଦେଇଥିଲେ। ବ୍ରହ୍ମାଙ୍କ ପରାମର୍ଶକ୍ରମେ ଆଶ୍ୱିନ ମାସର ଶୁକ୍ଳପକ୍ଷ ପ୍ରତିପଦା ତିଥିଠାରୁ ନବମୀ ପର୍ଯ୍ୟ' ଚଣ୍ଡିଙ୍କର ପୂଜା କରିଥଲେ ଓ ଦେବୀଙ୍କୁ ଉପାସନା କରି ସେ ଲଙ୍କା ବିଜୟ କରିଥିଲେ। କୁହାଯାଏ ଯେ ଏହି ତିଥିକୁ ମାନିନେଇ ୯ଦିନ ପର୍ଯ୍ୟନ୍ତ ନବରାତ୍ର ପାଳନ କରାଯାଉଛି।

ପ୍ରଭୁ ଶ୍ରୀରାମଙ୍କ ପୂର୍ବରୁ କିନ୍ତୁ ବିଜୟାଦଶମୀର ପର୍ବ ପାଳନ କରାଯାଉଛି। ମାତାଦୁର୍ଗା ମହିଷାସୁର ସହ ୯ଦିନ ପର୍ଯ୍ୟନ୍ତ ଯୁଦ୍ଧ କରି ୧୦ମ ଦିନରେ ତାର ବଧ କରିଥିଲେ। ବିଜୟା ଦଶମୀ ପର୍ବ ମାତା କାତ୍ୟାୟନୀ ଦୁର୍ଗା ମହିଷାସୁରର ବଧ କରିବା କାରଣରୁ ପାଳିତ ହେଉଛି ଯାହା ଶ୍ରୀରାମଙ୍କ କାଳର ପୁର୍ବରୁ ହିଁ ପ୍ରଚଳିତ ହୋଇଆସୁଛି। ଇତିହାସର ତଥ୍ୟ ଅନୁସାରେ ସିନ୍ଧୁ ସଭ୍ୟତାର ଲୋକେ ଯେଉଁ ଦେବତାଙ୍କୁ ପୂଜା କରୁଥିଲେ ସେମାନଙ୍କୁ ବୈଦିକ ସଭ୍ୟତାର ଲୋକେ ପଶୁପତି ଏବଂ ରୁଦ୍ରଭାବେ ପୂଜା କରିବା ଆରମ୍ଭ କରିଥିଲେ ଏବଂ ଯେଉଁ ମାତୃକା (ଦେବୀ)ଙ୍କ ପୂଜା କରୁଥିଲେ ବୈଦିକ ସଭ୍ୟତାରେ ତାହା ଦେବୀଙ୍କ ପ୍ରାରମ୍ଭିକ ରୂପ ହୋଇଯାଇଥଲା। ସିନ୍ଧୁ ସଭ୍ୟତା ହିଁ ବୈଦିକ ଆର୍ଯ୍ୟ ସଭ୍ୟତା । ଏଥିରେ ସର୍ବଶକ୍ତିମାନ ଦେବୀ ଆଦିତିଙ୍କୁ ସମସ୍ତ ପ୍ରାଣୀଙ୍କର ଜନନୀ ବୋଲି ଗ୍ରହଣ କରାଯାଇଛି। ଏହାପରେ ଏହି ସମୟରେ ଅମ୍ବିକା, କାତ୍ୟାୟନୀ ଆଦି ନାମରେ ଦେବୀ ମାନଙ୍କୁ ନାମିତ କରାଯାଇଛି।

ପୁରାଣ ବା ଇତିହାସରେ ଯାହାବି ଉଲ୍ଲେଖ ଥାଉନା କାହିଁକି ଏବେ ଶାରଦୀୟ ନବରାତ୍ର ଭାରତ ସମେତ ଅନେକ ଦେଶରେ ପାଳିତ ହେଉଛି। ଯେଉଁ ସମୟରେ ବିଶ୍ୱର ଅଧିକାଂଶ ଦେଶ ଅଶିକ୍ଷିତ ଏବଂ ଅସଭ୍ୟ ଥିଲେ ସେ ସମୟରେ ଭାରତ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଥିଲା। କେବଳ ପୁରୁଷ ନୁହଁନ୍ତି ଭାରତର ମହିଳାମାନେ ଶିକ୍ଷିତା ଥିଲେ। ସେମାନେ ଶାସ୍ତ୍ର ବାବଦରେ ଜ୍ଞାତା ଏପରିକି ଅର୍ଥ ଶାସ୍ତ୍ରରେ ବିଶରଦ ଥିଲେ। ଦେବୀମାନେ ରାକ୍ଷାସଙ୍କୁ ବଧ କରିବା କଥା ପୁରାଣରେ ଉଲ୍ଲେଖ ରହିଛି ଓ ଏଥିରୁ ସ୍ପଷ୍ଟ ଯେ ନାରୀ (ମହିଳା) ହିଁ ସୃଷ୍ଟିରେ ଶ୍ରେଷ୍ଠ। ନାରୀ ହେଉଛି ସଂସ୍କାରର ଜନନୀ ଓ ତା ଭିତରେ ମମତା, ସ୍ନେହ, ଉଦାରତା, ଆତ୍ମୀୟତା, ପ୍ରେମ ଆଦି ଗୁଣ ଭରି ରହିଛି ଯାହା ଜୀବନର ଅଂଶ ବିଶେଷ। ନାରୀ ଅବଳା ଦୁର୍ବଳା ନୁହେଁ ବରଂ ସର୍ବଶକ୍ତିମାନ, ଶକ୍ତି ସ୍ୱରୂପିଣୀ। ନବରାତ୍ର ନାରୀ ସଶକ୍ତି କରଣର ସନ୍ଦେଶ ବାହକ।

*ରାମଚନ୍ଦ୍ରପୁର, ରଣପୁର*
*ମୋ :୯୪୩୮୪୮୫୦୯୪*

# ଜଳବାୟୁ ପରିବର୍ତ୍ତନର ବିପଦ !



ହିମାଂଶୁ ଶେଖର ଆଚାର୍ଯ୍ୟ

ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ପାଇଁ ଏକ ବିପଦ ଭାବେ ଉଭା ହୋଇଛି । ଏହାର ପ୍ରଭାବ ଅନେକ ବିପଦ ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି । ଏଥି ପାଇଁ ସତର୍କତା ଅବଲମ୍ବନ କରାଯିବା ଜରୁରୀ । ତାହା ନହେଲେ ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି ହେବ ବୋଲି ପାଣିପାଗ ବିଜ୍ଞାନୀମାନେ କହୁଛନ୍ତି । ଫଳସ୍ୱରୂପ ଅଚାନକ ବନ୍ୟା, ମରୁଡି, ସାମୁଦ୍ରିକ ଜୁଆର, ବାତ୍ୟା ଭଳି ସଙ୍କଟ ଆଡକୁ ସମଗ୍ର ବିଶ୍ୱ ଠେଲିହୋଇଯିବାର ଅନୁମାନ କରାଯାଉଛି । ଏସବୁ ଅଭାବନୀୟ ଘଟଣା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ବିଶ୍ୱ ତାପାୟନବୃଦ୍ଧି ଏହାର ଏକ ମୁଖ୍ୟ ଘଟଣା ବୋଲି କୁହାଯାଉଛି । ଏକ ଆକଳନ ଅନୁସାରେ ଏହି ତାପାୟନ ବୃଦ୍ଧିଯୋଗୁ ତାପମାତ୍ରାରେ ବୃଦ୍ଧି ସହିତ ବିଶ୍ୱ ସ୍ତରରେ ଜଳବାୟୁ ପରିବର୍ତ୍ତନ ହେବାର ଯଥେଷ୍ଟ କାରଣ ରହିଛି । ଏକ ହିସାବ ଅନୁସାରେ ଖୁବ୍ ନିକଟରେ ପୃଥିବୀର ୩୮–୪୦ପ୍ରତିଶତ ଭୂଭାଗ ବର୍ତ୍ତମାନ ତୁଳାନରେ ଏକ ଭିନ୍ନ ଜଳବାୟୁ ଜୋନ୍‌ରେ ପ୍ରବେଶ କରିଥିବ ଏବଂ ଆଗକୁ ପୃଥବୀର ଭୂଭାଗର ପ୍ରାୟ ୫୦ପ୍ରତିଶତ ଅଜଣା ଜଳବାୟୁ କ୍ଷେତ୍ରରେ ରୂପାନ୍ତରିତ ହେବ । ଆକଳନରୁ ଜଣାପଡିଛି ଯେ ବିଶ୍ୱ ତାପନହାର ବଢିଚାଲିବ । ଏହା ଦ୍ୱାରା ପୃଥିବୀର ଅଧିକ ଅଞ୍ଚଳ ମରୁଭୂମି ପାଲଟିବ । ସେହିପରି କୃଷିକ୍ଷେତ୍ର ପ୍ରଭାବିତ ହୋଇ ଖାଦ୍ୟ ଉତ୍ପାଦନ ଉପରେ ପ୍ରଭାବ ମଧ୍ୟ ପକାଇବ । ବିଶ୍ୱର ଥଣ୍ଡା ଜୋନରେ ଥିବା ଦେଶଗୁଡିକ ଗରମ ଜୋନ୍‌କୁ ଆସିବା ସହିତ ଗରମ ଜୋନ ଥିବା ଅଞ୍ଚଳଗୁଡିକରେ ଅଧିକ ଗରମ ହେବା ଆଶଙ୍କା କରାଯାଉଛି ।

ଜଳବାୟୁ ପରିବର୍ତ୍ତନର ଏହି ପ୍ରଭାବ ଆମ ଦେଶରେ ମଧ୍ୟ ପରିଲକ୍ଷିତ ହେଉଛି । ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟା ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା। ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡିଶା। ଏ ପ୍ରସଙ୍ଗରେ ସାମୁଦ୍ରିକ ବିଜ୍ଞାନୀ ପ୍ରଫେସର ପ୍ରତାପ କୁମାର ମହାନ୍ତି କହିଛନ୍ତି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା। ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡିଶା ଉପକୂଳ ଦେଇ ଯାଇଛି। ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ। ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ। ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯଉଛି। ଗବେଷଣାରୁ ଜଣାପଡିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି ।ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି।

ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କୁ ଘାରୁଛି। ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଓ ବନ୍ୟା ଡର। ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି। ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଛି। ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ପାଞ୍ଚବର୍ଷ ପୁରିବାକୁ ଯାଉଛି। ସେହି ପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ। ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ। ନିକଟରେ ଫୋନି ଭଳି ପ୍ରାକୃତିକ ବାତ୍ୟାର ପ୍ରକୋପକୁ ଆମେ ଅଙ୍ଗେ ନିଭେଇ ସାରିଛୁ। ପ୍ରକୃତିର ଏହି କ୍ରୁର ରୂପ କେତେବେଳେ କିଭଳି ଆକାର ଧାରଣକରିବ ତାହା ଆମ କଳ୍ପନାର ବାହାରେ । ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ । ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ବା ଲଘୁଚାପ ସୃଷ୍ଟିହେଲେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି।

କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରକାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି। ଅଜ୍ଞାନ ବାଳକ ସିନା ଜାଣି ନଥିଲା, ହେଲେ ଏବର ବିଜ୍ଞାନୀ ପୁଅମାନେ ଭଲଭାବେ ଜାଣିଛନ୍ତି ଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ। କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନଥିବ। ସେଗୁଡିକର ଶାଖା ମଧ୍ୟ କର୍ତ୍ତିତ। ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ ହେବନାହିଁ । ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନୀ ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ ।

ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ । ଆମକୁ ମନେରଖିବାକୁ ହେବ ଯେ, କେବଳ ଆମର ସୁରକ୍ଷା ନୁହେଁ ଉତ୍ତରପିଢିର ସୁରକ୍ଷା ଦାୟିତ୍ୱ ହିଁ ଆମ ଉପରେ ନ୍ୟସ୍ତ ।ଏବେ ପୁଣି ମହାମାରୀ କରୋନାର ପ୍ରଭାବ ବିଶ୍ୱତାପାୟନ ଓ ଜଳ ବାୟୁ ପରିବର୍ତ୍ତନ ଉପରେ କି ପ୍ରଭାବ ପକାଇବ ସେ ବିଷୟରେ ଚିନ୍ତା କରିବାର ଅଛି କୁହାଯାଉଛି ଯେ କରୋନା ଜନିତ ଲକଡାଉନ ଓ ସଟଡାଉନ ଯୋଗୁଁ ଗଙ୍ଗାନଦୀ ର ଜଳ ନିର୍ମଳ ଓ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ର ମାତ୍ରା ମଧ୍ୟ ହ୍ରାସ ପାଇଛି ଆଗାମୀ ଦିନରେ ଏହାକି ମୋଡ ନେବ ଓ ପରିବେଶ ଉପରେ କିପରି ପ୍ରଭାବ ପକାଇବ ଓ ତାକୁ ଦେଖିବାକୁ ବାକି ରହିଲା । ଏହି ଜଳବାୟୁ ପରିବର୍ତ୍ତନ ଆମ ଦେଶର ଅର୍ଥନୀତିକୁ ୨୦୨୧ ମସିହାରେ ପ୍ରଭାବିତ କରିଛି । ୨୦୪୦ ମସିହା ବେଳକୁ ଦେଶର ଦାରିଦ୍ର୍ୟ ହାର ୩.୫ପ୍ରତିଶତ ବୃଦ୍ଧି ହୋଇପାରେ ବୋଲି ଏକ ରିପୋର୍ଟରୁ ଜଣାପଡିଛି। ଖାଲି ସେତିକି ନୁହେଁ ବିଂଶ ଶତାବ୍ଦୀ ଆରମ୍ଭରୁ ପୃଥିବୀର ୧୪.୧୭ ପ୍ରତିଶତ ଭୂଭାଗର ଜଳବାୟୁ ପରିବର୍ତ୍ତନ ହୋଇଛି । ଉତ୍ତର ଆମେରିକା, ୟୁରୋପ, ଓସେନିୟାର ସର୍ବାଧିକ ପରିବର୍ତ୍ତନ ହୋଇଛିବିଶେଷଜ୍ଞଙ୍କ ମତ ଅନୁସାରେ ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ର ପତ୍ତନ ଆହୁରି ବଢିବାର ସମ୍ଭାବନା । ଫଳସ୍ୱରୂପ ପ୍ରାକୃତିକ ବିପର୍ଯ୍ୟୟ ବଢି ବଢି ଯିବ । ଏଣୁ ଏଦିଗରେ ଅଧିକ ସତର୍କ ଓ ସଚେତନ ରହିବା ଆବଶ୍ୟକ । ଏହାହିଁ ସମୟର ଆହ୍ୱାନ।

*ଜଗତସିଂହପୁର*
*ମୋ-୯୯୩୭୧୫୧୦୫୨*

# 'ଦୁର୍ଗତୀ ନାଶିନୀଙ୍କୁ ମିନତୀ'



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ପୃଥିବୀରେ ଯେତେବେଳେ ଅନ୍ୟାୟ, ଅନୀତି, ଅସତ୍ୟ, ଅତ୍ୟାଚାର, ଭ୍ରଷ୍ଟାଚାର, ଦୁଷ୍କର୍ମ ଆଦି ଆସୁରିକ ପ୍ରଭାବ ସୀମା ଲଂଘନ କରିଥାଏ, ସେତେବେଳେ ସ୍ୱୟଂ ଭଗବାନ ବିଷ୍ଣୁ ଜଗତ ଉଦ୍ଧାର ପାଇଁ ବିଭିନ୍ନ ରୂପ (ଅବତାର)ରେ ଧରାପୃଷ୍ଠକୁ ଆଗମନ କରିଥାନ୍ତି। ଦୁଷ୍ଟ ସଂହାର ପାଇଁ ବୋଲି ଆମ ପୁରାଣ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଜଗତଜନନୀ ଦୁର୍ଗତୀ ନାଶିନୀ ମା' ଦୁର୍ଗା ଶକ୍ତି ରୂପରେ ଧରାପୃଷ୍ଠକୁ ଆଗମନ କରି ମହିଷାସୁର ଭଳି ରାକ୍ଷାସକୁ ବିନାଶ କରିଥିଲେ, ଆମ ପୁରାଣ ଶାସ୍ତ୍ର କହେ। ଯାହା ଦୁର୍ଗା ପୂଜୋତ୍ସବ ବା ଦଶହରା ନାମରେ ଆମ ଦେଶରେ ପାଳିତ ହୋଇଆସୁଛି। ପୁରାଣ ଶାସ୍ତ୍ର ଅନୁଯାୟୀ ମହିଷାସୁର ଏତେ ଶକ୍ତିଶାଳୀ ଥିଲା ଯେ, ତା'ର ଅତ୍ୟାଚାରରେ ଦେବତା, ମଣିଷ ପେଷି ହୋଇଯାଇଥିଲେ। ସ୍ୱର୍ଗମର୍ତ୍ତ୍ୟ, ପାତାଳ ଥରହର ହୋଇଯାଇଥିଲା। ସେ ପାଇଥିବା ବର ଅନୁଯାୟୀ ମା ଦୁର୍ଗା ହିଁ ତାକୁ ବିନାଶ କରିଥିଲେ। ପୌରାଣିକ ମତବାଦ ଅନୁଯାୟୀ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ମା' ଦୁର୍ଗା ମହିଷାସୁରକୁ ବଧ କରିଥିବାରୁ ପ୍ରତିବର୍ଷ ଷଷ୍ଠି ତିଥିରୁ ଧରାପୃଷ୍ଠକୁ ଆଗମନ କରିଥାନ୍ତି। ଦେବୀ ପୀଠ ସହ ପୂଜା ମଣ୍ଡପରେ ମା'ଙ୍କୁ ଆରାଧନା କୁହାଯାଇଥାଏ। ଏଥିପାଇଁ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇପଡିଥାଏ। ପୂଜା ମଣ୍ଡପଗୁଡିକରେ ମା'ଙ୍କ ମୃଣୟ ମୂର୍ତ୍ତୀ ବିରାଜମାନ କରିଥାନ୍ତି। ପୂଜାମଣ୍ଡପଗୁଡିକରେ ଆକର୍ଷଣୀୟ ସାଜସଜା ସାଙ୍ଗକୁ ଆଲୋକମାଳା ଆକର୍ଷଣ କେନ୍ଦ୍ରବିନ୍ଦୁ ହୋଇଥିବାବେଳେ ଘଂଟ, ଘଂଟି, ମାର୍ଦ୍ଦଳ, ହରିବୋଲ, ହୁଳହୁଳି ଧ୍ୱନୀରେ ସବୁଆଡେ ଉତ୍ସବର ମାହୋଲ ସୃଷ୍ଟି ହୋଇଥାଏ। ତ୍ରେତୟା ଯୁଗରେ ଅନ୍ୟାୟ, ଅତ୍ୟାଚାର, ଅପହରଣର ପ୍ରତୀକ ଥିବା ରାକ୍ଷସ ରାବଣର ଅସୁରୀକ ଶକ୍ତିର ବିଲୋପ ପାଇଁ ରାବଣପୋଡି ଉତ୍ସବ ମଧ୍ୟ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥାଏ। କେବଳ ଏତିକି ବିଜୟ ଦଶମୀ ତିଥିକୁ ଆମ ଶାସ୍ତ୍ରରେ ଅତୀବ ଶୁଭ ଦାୟକ ମନେ କରାଯାଇଥାଏ। ଏହି ଦିନ ଘରେ ଘରେ ମଧ୍ୟ ଅତୀତର ସ୍ମୃତିକୁ ବହନ କରି 'ଦଶହରା' ପର୍ବ ପାଳିତ ହୋଇଥାଏ। ଯେଉଁଦିନ ଘରେ ବ୍ୟବହୃତ ହେଉଥିବା ଲୌହ ନିର୍ମିତ ସାମଗ୍ରୀକୁ ପୂଜା କରାଯାଇଥାଏ। ଏହା ନିଶ୍ଚିତ ଯେ, ଦଶହରା ବା ଦୂର୍ଗାପୂଜା ହେଉଛି ଆମର ଗଣପର୍ବ। ପ୍ରତି ହିନ୍ଦୁ ପରିବାର ପାଇଁ ଦଶହରା ପର୍ବଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି ଏହି ପର୍ବ ହେଉଛି ମୁଖ୍ୟ ମହତ୍ୱ। ଏହି ପର୍ବ ପାଳନ ପାଇଁ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟ, ବ୍ୟବସାୟୀକ ପ୍ରତିଷ୍ଠାନଗୁଡିକ ଛୁଟି ଘୋଷଣା ହୋଇଥାଏ। ବାହାରେ ଥିବା ପରିବାରର ସଦସ୍ୟମାନେ ଘରକୁ ଫେରି ଉତ୍ସବ ମନାଇଥାନ୍ତି। ଏହା ସତ୍ୟ ଯେ, ଯୁଗେ ଯୁଗେ ଆସୁରିକ ଶକ୍ତି ଦ୍ୱାରା ନିରୀହ ଜନସାଧାରଣ, ପ୍ରାଣୀ ଜଗତ ନିର୍ଯ୍ୟାତିତ, ଅତ୍ୟାଚାରି ହୋଇଆସୁଛନ୍ତି। ଏବେ କିନ୍ତୁ ପୁରାଣ ବର୍ଣ୍ଣିତ ମହାପ୍ରତାପୀ ଅସୁର ନାହାଁନ୍ତି ସତ, କିନ୍ତୁ ଅସୁରରୂପୀ ଭ୍ରଷ୍ଟାଚାର, ଅନୀତି, ଦୁର୍ନୀତି, ଅସତ୍ୟ, ଲୋଭ, ହିଂସା, ହତ୍ୟା, ନାରୀଙ୍କ ଉପରେ ଅତ୍ୟାଚାର, ଦୁଷ୍କର୍ମ, କପଟତା, ଠକେଇ, ଯୁଦ୍ଧ ପିପାସୁ, ଆତଙ୍କବାଦ, ଆଦି ଆସୁରିକ ପ୍ରବୃତି ଦିନକୁ ଦିନ ବଢିବାରେ ଲାଗିଛି। ଆହୁରି ମଧ୍ୟ ଆତଙ୍କବାଦୀ, ନକ୍ସଲବାଦୀ, ଉଗ୍ରପନ୍ଥୀ, ସାମାଜ୍ୟବାଦୀଙ୍କ ଆତଙ୍କରେ ଆଦି ସମଗ୍ର ବିଶ୍ୱବାସୀ ଆତଙ୍କିତ। ବୋମା, କ୍ଷେପଣାସ୍ତ୍ର ଗୁଳି ଓ ଧ୍ୱଂସ ସୃଷ୍ଟିକାରୀ ଅସ୍ତ୍ରଶସ୍ତ୍ର ଯୋଗୁଁ ଆଜି ଜନଜୀବନ ଭୀତତ୍ରସ୍ତ। ଏମାନେ ସିନା ଆମ ପୁରାଣରେ ବର୍ଣ୍ଣିତ ସେହି ରାକ୍ଷାସ ନୁହଁନ୍ତି କିନ୍ତୁ ଏମାନଙ୍କର ଆଚରଣ, ଉଚ୍ଚାରଣ, ରାକ୍ଷସ ବା ଆସୁରିକ ପ୍ରବୃତିଠାରୁ କୌଣସି ଗୁଣରେ କମ ନୁହେଁ। ଆତଙ୍କବାଦୀ, ମାଓବାଦୀଙ୍କ ରକ୍ତର ହୋରିରେ ବିଶ୍ୱର ବହୁ ରାଷ୍ଟ୍ର କ୍ଷତବିକ୍ଷତ ହୋଇଥିବାବେଳେ ଦୁଇ ଦୁଇଟି ବିଶ୍ୱ ଯୁଦ୍ଧ ଏବଂ ଏବେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧରେ ଲକ୍ଷଲକ୍ଷ ନିରୀହ ଲୋକଙ୍କ ଜୀବନ ଅକାଳରେ ଯାଉଛି। ଏବେ ଋଷ-ୟୁକ୍ରେନ ଯୁଦ୍ଧ ଅଢେଇ ବର୍ଷରୁ ଅଧିକ ସମୟ ଧରି ଲାଗି ରହିଥିବାବେଳେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ହମାସ, ଇରାନ-ଇସ୍ରାଏଲ, ଲେବାନନ-ଇସ୍ରାଏଲ ମଧ୍ୟରେ ଯୁଦ୍ଧର ବିଭିଶିକା କେବଳ ସମ୍ପୃକ୍ତ ଅଂଚଳରେ ଧ୍ୱଂସର ତାଣ୍ଡବ ସୃଷ୍ଟି କରିନାହିଁ, ତୃତୀୟ ବିଶ୍ୱଯୁଦ୍ଧକୁ ଆମନ୍ତ୍ରଣ କରୁଛି ବୋଲି କୁହାଯାଇପାରେ। ପୂର୍ବେ ବା ପୁରୁଷ କଳାରେ ଅସୁରଙ୍କ ପ୍ରକୋପରେ ସାରା ବିଶ୍ୱ ଥରହର ହୋଇ ଉଠିଥିବା କୁହାଯାଇଥିବା ବେଳେ ଏହି ଆସୁରିକ ଶକ୍ତିମାନଙ୍କର ପ୍ରକୋପରେ ବିଶ୍ୱାସୀ ମଧ୍ୟ ଆତଙ୍କିତ। ଆହୁରି ମଧ୍ୟ ଆସୁରିକ ଶକ୍ତିଗୁଡିକର ଯୁଦ୍ଧର ବିଭିଷିକା ଯୋଗୁଁ ସାରା ବିଶ୍ୱ ଖାଦ୍ୟାଭାବ, ଦରଦାମ ବୃଦ୍ଧି ଠାରୁ ଆରମ୍ଭ କରି ଜଳବାୟୁ ପରିବର୍ତନ ଯୋଗୁଁ ଜନଜୀବନ ଏବେ ଆତଙ୍କିତ। କ୍ଷୁଧା, ରୋଗ, ପ୍ରାକୃତିକ ବପିର୍ଯ୍ୟାୟ ବଢିଚାଲିଛି। ସେହିପରି ଆଜିର ସମାଜରେ ମହିଳା ଅସୁରକ୍ଷିତ ହୋଇପଡିଛି। ବଳାତ୍କାର ଓ ଘରୋଇ ହିଂସା ବଢିଚାଲିଛି। ପୁରାଣରେ ମା' ଜଗତଜନନୀ ଦୁର୍ଗା ଆସୁରିକ ଶକ୍ତିକୁ ବିନାଶ କରି ଧରାପୃଷ୍ଠରେ ଶାନ୍ତି ପ୍ରତିଷ୍ଠା କରିଥିଲେ। ମା' ହେଉଛନ୍ତି, ଜନ୍ମଦାତ୍ରୀ(ସୃଷ୍ଟିକର୍ତ୍ତା), ପାଳନକର୍ତ୍ତା ଏବଂ ବିନାଶକାରୀ। ଅଷ୍ଟଭୂଜା ମା' ଦୁର୍ଗା ତାଙ୍କର ଆଠଟି ହାତରେ ୮ଟି ଅସ୍ତ୍ରଧାରଣ କରିଛନ୍ତି। ଯାହା ଆଠଟି ଗୁଣର ପ୍ରତୀକ। ମା'ଙ୍କର ପଥମ ହସ୍ତ ଅଭୟ, ଆର୍ଶୀବାଦ ପ୍ରଦାନ କରୁଛି, ବିବ୍ରତ ହୁଅ ନାହିଁ, ଯାହା ସଂକେତ ପ୍ରଦାନ କରେ। ଆଉ ଗୋଟିଏ ହାତରେ 'ପଦ୍ମ', ଯାହା ଶାନ୍ତି , ଆନନ୍ଦ ଉଲ୍ଲାସର ପ୍ରତୀକ। ଅନ୍ୟ ହାତରେ ଶଙ୍ଖ, ଯାହା ଜ୍ଞାନର ଭଣ୍ଡାର। ସେହିପରି ତ୍ରିଶୂଳ ହସ୍ତ ସତ, ରଜ, ତମର ପ୍ରତୀକ ହୋଇଥିବାବେଳେ ଧନୁ, ତୀର, ଖଣ୍ଡ ହେଉଛି ନିର୍ଭୟାର ପ୍ରତୀକ। ଯାହା ଏକାଗ୍ରତା, ଧାନର ସନ୍ଦେଶ ଦିଏ। ସେ ହେଉଛନ୍ତି କାଳୀ, କାତ୍ୟାୟନୀ, ମଙ୍ଗଳ, ଯିଏ ପାପୀଙ୍କ ବିନାଶକାରୀ। ସେ ହେଉଛନ୍ତି ଶକ୍ତିର ପ୍ରତୀକ। ଆଜି ଆସୁରିକ ଶକ୍ତିର ପ୍ରଭାବରେ ସମଗ୍ର ବିଶ୍ୱ ଥରହର। ଦୀନଜୀବନ ବିପଦଗ୍ରସ୍ତ। ଏଭଳି ଆସୁରିକ ଶକ୍ତିର ବିନାଶ ପାଇଁ ମା' ଧରାପୃଷ୍ଠକୁ ଓହ୍ଲାଇ ଆସିଛନ୍ତି। ପୂଣ୍ୟଭୂମି ଭାରତ ବର୍ଷ ଆଜି ଉତ୍ସବ ମୁଖରିତ। ପୁରପଲ୍ଲୀ ଆଦି ଚଳଚଂଚଳ। ଆସୁରିକ ଶକ୍ତି ଉପରେ ଦୈବୀ ଶକ୍ତିର ବିଜୟର ପ୍ରତୀକ, ବାର୍ତ୍ତାବହ ମା' ଦୁର୍ଗାଙ୍କ ପାଇଁ ଦେବୀପୀଠ ଠାରୁ ପୂଜାମଣ୍ଡପ ସବୁକିଛି ଉତ୍ସବରତ। ମା' ଜଗତଜନନୀ ଦୁର୍ଗା ଧରାପୃଷ୍ଠରୁ ଆସୁରିକ ଶକ୍ତି ବିଲୋପ ଘଟାଇ ବିଶ୍ୱରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଦିଅନ୍ତୁ। ସମସ୍ତ ସୁଖ, ଶାନ୍ତି ଭରିଦିଅନ୍ତୁ, ଏହା ହିଁ ମା' ଦୁର୍ଗତିନାଶିନୀଙ୍କୁ ଆମର ମିନତୀ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*
*ମୋବାଇଲ ନଂ-୯୪୩୭୯୯୪୩୭୯*




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି । ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ । ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା । ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି । ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ । ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି । ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ । ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି । ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି । ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି, ପଥର, ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି । ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨, ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯, ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ, ପ୍ରମୋଦ କୁମାର ସାହୁ, ଚିତରଞ୍ଜନ ବାରିକ, ନିରଞ୍ଜନ ପଣ୍ଡା, ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧାରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନରେ ଖଣି ଲିଜ ପରିସରରେ ଧାରଣା ଦେଉଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଳିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୂର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଟ କମାଣ୍ଡର ଗୌରବ ଜଗନାନୀ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

# ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି । ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି । ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି । ୦.୩ ମିଟର ହିସାବରେ୍ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି । ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି । ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ । ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ ସନ୍ଦେହ ସୃଷ୍ଟି ହେଉଛି । ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି । ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦ୍ଧାରଣ ମଧ ରହିଛି । ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ ସୃଷ୍ଟି ହୋଇଛି । ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ ପିଇ ପାରୁ ନାହାନ୍ତି । ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ'ଫୁର୍ଟରୁ ସର୍ବାଧିକ ୪୮୦ ବର୍ଗଫୁର୍ଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ଫର ମାଲିକଙ୍କ ଧାରଣା ପଞ୍ଚମ ଦିନରେ : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ

ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ଫର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ଫର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ଫରକୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ଫର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି



। ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ଫର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ଫରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ଫର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ କଷ୍ଟସାଧ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ଫରରେ କାର୍ଯ୍ୟ କରୁଥିବା ଡ୍ରାଇଭର, ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇଓ୍ୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।



# ମୋ ଓଡ଼ିଶା

## ଖରାଦିନରେ କାନ-ନାକ-ଗଳାର ଯତ୍ନ

ଗ୍ରୀଷ୍ମଋତୁ ଆସୁ ଆସୁ ତତଲା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକେଲାଣି। ତତଲା ଖରାକୁ ଅବେଳିଆ କାଳବୈଶାଖୀ ଲୋକମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି କାନ-ନାକ-ଗଳା ପରି ଏକ ସମ୍ବେଦନଶୀଳ ଶରୀର ତତ୍ତ୍ୱକୁ ଅବ୍ୟବସ୍ଥିତ କରୁଛି। ପ୍ରାୟତଃ ଖରାଦିନକୁ ନେଇ ଲୋକମାନଙ୍କର ତତ୍‌ସମ୍ବନ୍ଧୀ ଅନେକ ରୋଗ ରହିଥାଏ। ଆସନ୍ତୁ ଟିକିଏ ଜାଣିବା ଶରୀର ସବୁଠାରୁ ସ୍ପର୍ଶକାତର ଅଙ୍ଗ ହେଉଛି କାନ। ଖରା ଦିନରେ ତୀବ୍ର ଖରା ଓ ଧୂଳି କାନ ପ୍ରବେଶ କଲେ ସ୍ୱାଭାବିକ ଭାବରେ ନାକ ଓ ଗଳାକୁ ସଂକ୍ରମିତ କରିଥାଏ। ଗରମ ପାଗରେ ଥଣ୍ଡା ଚିକିତ୍ସା କରିବାଦ୍ୱାରା ଏହା ଉପଶମ ପରିବର୍ତ୍ତେ ଅନେକ କ୍ଷତିକାରକ ବା ଘାତକ ସାବ୍ୟସ୍ତ ହୋଇଥାଏ। ଆଜିକାଲି ମୋବାଇଲ ଫୋନର ଇୟର ଫୋନ ଅନେକ ବ୍ୟବହାର କରୁଛନ୍ତି। ଘଣ୍ଟା ଘଣ୍ଟା ଧରି ଏହା କାନରେ ଲାଗି ରହୁଛି। କିନ୍ତୁ ତୀବ୍ର ଖରାରେ ମୁଣ୍ଡରୁ ବୋହୁଥିବା ଝାଳ ଏହି ଇୟର ଫୋନର ତୁଳା ଅଂଶକୁ ପ୍ରଭାବିତ କରି କାନର ଭିତର ଭାଗକୁ ବି ସମସ୍ୟା ଉପୁଯାଇଥାଏ। ଖରା ଦିନରେ ବିଶେଷକରି ଯୁବବର୍ଗ ଆଉ ପିଲାମାନେ ନଦୀ, ପୋଖରୀରେ ବୁଡ଼ି ଗାଧୋଇବାର ଆନନ୍ଦ ଦାୟକ ଅଭ୍ୟାସ ରଖିଥାନ୍ତି କିନ୍ତୁ ଦୂଷିତ ଜଳ କାନ ସଂକ୍ରମଣର ପ୍ରଥମ ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ କାନ ନୁହେଁ ନାକକୁ ବି ଏହା ପ୍ରଭାବିତ କରେ। ଆଗରୁ କାନ-ନାକ-ଗଳାର କୌଣସି ଅସୁବିଧା ଥିଲେ ଖରାଦିନେ ଥଣ୍ଡା ପାଣି ବା ଅନ୍ୟ ବରଫଯୁକ୍ତ ପାନୀୟ ଦ୍ରବ୍ୟ ଏହାର ଯନ୍ତ୍ରଣାକୁ ବଢ଼ାଇବା କାମ କରିଥାଏ। ଉଦୁଉଦିଆ ଖରାରେ ଅନେକ ଜାଗାରେ ଧୂଳି ଓ ବର୍ଜ୍ୟବସ୍ତୁ ପୋଡ଼ା ହେଉଥିବା ପ୍ରଦୂଷଣଯୁକ୍ତ ଧୂଆଁ କାନ ଓ ନାକକୁ ଗଭୀର ଭାବେ ପ୍ରଭାବିତ କରେ। ଉପରୋକ୍ତ ସମସ୍ୟାରୁ ମୁକ୍ତ ରହିବା ପାଇଁ ନିମ୍ନ ଲିଖିତ ଉପାୟମାନ ଅନୁକରଣୀୟ। ଠିକ୍ ସମୟରେ ଖାଦ୍ୟପେୟ ଖାଇବା, ଉପବାସ ଠାରୁ ଦୂରେଇ ରହିବେ, ଭୋକ ପେଟରେ ରହିବେ ନାହିଁ। ଥଣ୍ଡା ଉପୁଜୁଥିବା ଖାଦ୍ୟଦ୍ରବ୍ୟ ଠାରୁ ଦୂରରେ ରହିବେ ଯଥା ବାଶୀ ପଖାଳ ଖଟା, ଆଇସକ୍ରିମ, ଫ୍ରିଜପାଣି, କୋଲଡ୍ରିଙ୍କସ୍ ଠାରୁ ଦୂରେଇ ରହିବେ। ପଖାଳ ଖାଉଥିବା ଲୋକମାନେ ତୋରାଣି ନପିଇ ପାଣି ପିଇବାର ଅଭ୍ୟାସ ରଖନ୍ତୁ। ଶୋଷ ହେଲେ ଏକାଥରକେ ଦୁଇ ଗ୍ଲାସରୁ ଅଧିକ ପାଣି ପିଅନ୍ତୁ ନାହିଁ ଆବଶ୍ୟକ ପଡ଼ିଲେ ଘଣ୍ଟାଏ ଛାଡ଼ି ପିଇ ପାରିବେ।

ଏହି ଋତୁରେ ପୂର୍ବରୁ ରକ୍ତଚାପ ଥିବା ରୋଗୀ, ସ୍ନାୟୁଜନିତ ବଧିରତାର ଶିକାର ହୁଅନ୍ତି ତେଣୁ ଏହି ରୋଗୀମାନେ ଏହି ସମୟରେ ରକ୍ତଚାପକୁ ନିୟନ୍ତ୍ରଣ ପାଇଁ ଚିକିତ୍ସା ରଖିବା ଉଚିତ। କାନ କୁଣ୍ଡାଇବା ପରି ଆବଶ୍ୟକ କଲେ ଶୋଧିତ ତୁଳାକାଠି ବ୍ୟବହାର କରନ୍ତୁ। ଯେକୌଣସି ଜିନିଷକୁ କାନ ଭିତରେ ପୁରାଇବାର କୁଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ। ସାଧାରଣତଃ ଥଣ୍ଡାରୁ ପ୍ରଭାବିତ ଲୋକମାନେ ରାତିରେ ଶୋଇଲାବେଳେ କାନରେ ତୁଳା ଦେଇ ଶୋଇଲେ ଭଲ। ଥଣ୍ଡାରୁ ପ୍ରଭାବିତ ଲୋକମାନେ ମୁଣ୍ଡ ସଫା କରୁଥିଲେ ଥଣ୍ଡା ଟାବ୍‌ଲେଟ ଖାଇ ଘଣ୍ଟାଏ ପରେ ମୁଣ୍ଡ ସଫା କରିବା ଉଚିତ। ବିଶେଷକରି ଏହି ଖରା ଋତୁରେ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ ଥଣ୍ଡା ଖାଦ୍ୟ ଏବଂ ବଜାରର ଫାଷ୍ଟଫୁଡ ଠାରୁ ମଧ୍ୟ ଦୂରେଇ ରହିବାକୁ ଯଥାସମ୍ଭବ ଚେଷ୍ଟା କରିବା ବହୁତ ଭଲ। ଖରାଦିନେ କିଛି କ୍ଷେତ୍ରରେ ସର୍ଦ୍ଦି ରହିଥିଲେ ଏହା ଗଳାକୁ ବି ସଂକ୍ରମଣ କରିବାକୁ ବାଟ କଢ଼ାଏ। ନିୟମିତ ଭାବେ କାନ୍ନ ସଫା ରଖନ୍ତୁ, ଟୁଣୁକା ଟୁଣୁକି କୌଣସି ତେଲ ବା କାଠି କାନ ଭିତରକୁ ପୁରାନ୍ତୁ ନାହିଁ। ଏସବୁ ସତ୍ତ୍ୱେ ଯଦି କାନ-ନାଗ-ଗଳାର ସଂକ୍ରମଣ ହୋଇଥାଏ ତେବେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

## ସାମ୍ବାଦିକ ଦୀପକ କୁମାର ସିଂହଙ୍କ ମାତୃବିୟୋଗ

ବାଲେଶ୍ୱର (ପିଏନ୍): ବାଲେଶ୍ୱର ଜିଲ୍ଲା ସମ୍ମିଳିତ କର୍ମଜିବୀ ସାମ୍ବାଦିକ ସଂଘର ସକ୍ରିୟ ସଦସ୍ୟ ସାମ୍ବାଦିକ ଦୀପକ କୁମାର ସିଂହଙ୍କ ମାଆ ସୁମିତ ସିଂହ ବୈଶିଙ୍ଗା ମାନଗୋବିନ୍ଦପୁର ସ୍ଥିତ ନିଜ ବାସଭବନରେ ଅସୁସ୍ଥ ଅନୁଭବ ହେବାରୁ ବାଲେଶ୍ୱର ଡାକ୍ତରଖାନା ନେବା ରାସ୍ତାରେ ବୈଶିଙ୍ଗାଠାରେ ତାଙ୍କର ହୃଦଘାତରେ ପରଲୋକ ହୋଇଥିଲା। ବୈଶିଙ୍ଗା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ସମାଜସେବୀ ହିସାବରେ ମାନଗୋବିନ୍ଦପୁର ପଞ୍ଚାୟତ ତଥା ବୈଶିଙ୍ଗା ଅଞ୍ଚଳରେ ପରିଚିତ ଥିଲେ। ମୃତ୍ୟୁ ଖବର ପାଇ ସେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମରଶରୀର ପାଖରେ ସ୍ୱାମୀ ପୁରୁଷୋତ୍ତମ ସିଂହ, ୨ ପୁତ୍ର ଦୀପକ କୁମାର ସିଂହ ଓ ଅମିତ କୁମାର ସିଂହ, ଏକମାତ୍ର ଝିଅ ଦିପ୍ତିମୟୀ ସିଂ, ଜ୍ୱାଇଁ ପରମେଶ୍ୱର ନାୟକ, ପୁତ୍ରବଧୂ ରଶ୍ମିରେଖା ପାଣିଗ୍ରାହୀ ଓ କଳ୍ପନା ବ୍ରହ୍ମ, ନାତିନାତୁଣୀ ଦିବ୍ୟାଂଶୁ, ପ୍ରାଚୀ, ମେହେକ ଏବଂ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ବାଲେଶ୍ୱର ବୈଶିଙ୍ଗା ଅଞ୍ଚଳର ନେତା, ସାମ୍ବାଦିକ, ଡାକ୍ତର, ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଗ୍ରାମବାସୀମାନେ ଶେଷ ଦର୍ଶନ କରିବା ସହିତ ଶୋକାକୁଳ ପରିବାରଙ୍କୁ ସମବେଦନା ଜଣାଇଥିଲେ। ସନ୍ଧ୍ୟାରେ ମାନଗୋବିନ୍ଦପୁର ଗ୍ରାମ ଶ୍ମଶାନରେ ଶବ ସଂସ୍କାର କରାଯାଇଥିଲା।

-ସ୍କୁଲ୍‌କୁ ଯିବୁ, ପାଠ ପଢ଼ିବୁ, ଭଲ ମଣିଷ ହେବୁ-

## ଆଦିବାସୀ ପଲ୍ଲୀରେ 'ଆସ ଆମେ ସ୍କୁଲ୍‌କୁ ଯିବା' କାର୍ଯ୍ୟକ୍ରମ





ଭୁବନେଶ୍ୱର (ପିଏନ୍): ଆଜକୁ ଦୁଇବର୍ଷ ହେବ କୋଭିଡ୍ ମହାମାରୀ ଯୋଗୁଁ ବିଦ୍ୟାଳୟରେ ତାଲା ପଡ଼ି ରହିଥିଲା। ଅନ୍‌ଲାଇନ୍ ଶିକ୍ଷା ଦିଆଯାଇଥିଲେ ସୁଦ୍ଧା ବିଦ୍ୟାର୍ଥୀମାନେ ଏହାର ଶତପ୍ରତିଶତ ସୁଫଳ ପାଇପାରି ନଥିଲେ। ଦୁଇବର୍ଷ ମଧ୍ୟରେ ଅନେକଙ୍କ ପାଠ ପଢ଼ାରେ ଡ଼ୋରି ବନ୍ଧା ହୋଇଯାଇଛି। ଅନେକ ବିଦ୍ୟାର୍ଥୀ ନିଜ ପିତାମାତାଙ୍କ ସହ ମୂଳ ଲାଗିବା ପାଇଁ ଯାଉଥିବା ବେଳେ ଆଉ କେହି ହାଣ୍ଡିଆ ବିକ୍ରୀ କରିବାକୁ ଯାଉଛନ୍ତି ତ ଆଉ କେହି ଘରକାମ ଓ ରୋଷେଇ କାର୍ଯ୍ୟ କରୁଛନ୍ତି। ବିଦ୍ୟାଳୟ ଖୋଲିଥିଲେ ସୁଦ୍ଧା ବିଦ୍ୟାଳୟକୁ ଯିବା କଥା ସମ୍ପୂର୍ଣ୍ଣ ରୂପେ ବିଦ୍ୟାର୍ଥୀମାନେ ଭୁଲି ଯାଇଛନ୍ତି। ଏହିଭଳି ଅଭାବନୀୟ ଏବଂ କରୁଣ ଦୃଶ୍ୟର ଚିତ୍ର ଦେଖିବାକୁ ମିଳିଛି ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀ ପଲ୍ଲୀ କନ୍ଦଲେଇରେ। ଗାଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ ବିଦ୍ୟାର୍ଥୀମାନଙ୍କର ଏତାଦୃଶ କାର୍ଯ୍ୟକୁ ଦେଖି ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ସକରାତ୍ମକ ଭାବନା ଜାଗ୍ରତ କରିବା ପାଇଁ ଗାଁରେ ଆୟୋଜନ କରିଛନ୍ତି 'ଆସ ଆମେ ସ୍କୁଲ୍‌କୁ ଯିବା' କାର୍ଯ୍ୟକ୍ରମ। ଗାଁରେ ଥିବା କିଛି ବିଦ୍ୟାର୍ଥୀ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ସ୍କୁଲ୍‌କୁ ଯିବୁ, ପାଠ ପଢ଼ିବୁ, ଭଲ ମଣିଷ ହେବୁ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି। ଗାଁ ବାହାରକୁ ଚାଲିଯାଇ ମୂଳ ଲାଗୁଥିବା ବିଦ୍ୟାର୍ଥୀମାନଙ୍କ ସହ ଯୋଗାଯୋଗ କରିବା ପାଇଁ ଗ୍ରାମବାସୀଙ୍କୁ ନିବେଦନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ କନ୍ଦଲେଇ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀଙ୍କ ସମେତ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତଙ୍କ ଉପସ୍ଥିତିରେ ଅଭିଭାବକ ଓ ବିଦ୍ୟାର୍ଥୀମାନଙ୍କୁ ସଚେତନ କରାଯାଇଥିଲା।

## ସାମ୍ବାଦିକଙ୍କର ସୁରକ୍ଷା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେବା ଦରକାର



ଚଣ୍ଡିଖୋଲ (ପିଏନ)- ସାମ୍ବାଦିକଙ୍କର ସୁରକ୍ଷା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେବା ଦରକାର ବୋଲି ପ୍ରେସ କ୍ଲବ ଚଣ୍ଡିଖୋଲର ୩୪ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ନିଜନିଜ ବକ୍ତବ୍ୟରେ କହିଥିଲେ। ଗତ ଶନିବାର ସ୍ଥାନୀୟ ବିଜୁ କଲ୍ୟାଣମଣ୍ଡପ ଠାରେ ପ୍ରେସ କ୍ଲବ ଚଣ୍ଡିଖୋଲର ସଭାପତି ପ୍ରଦୀପ୍ତ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଉଦ୍‌ଘାଟିକା ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସାମ୍ବାଦିକଂକର ସୁରକ୍ଷା ଆଜିର ଦିନରେ ନିତାନ୍ତ ଆବଶ୍ୟକ ବୋଲି କହିବା ସହ ଆଗାମୀ ଦିନରେ ସେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇ ସାମ୍ବାଦିକଙ୍କ ସହ ରାଜ୍ୟସରକାର ସବୁବେଳେ ଅଛନ୍ତି ଓ ସେମାନଙ୍କର ସୁରକ୍ଷା ପାଇଁ ସରକାର ସର୍ବଦା ଚେଷ୍ଟିତ ବୋଲି କହିଥିଲେ। ସକାରାତ୍ମକ ଓ ସଠିକ ଖବର ପରିବେଷଣ ଉପରେ ସାମ୍ବାଦିକମାନେ ଗୁରୁତ୍ୱ ଦେବା ଦରକାର ବୋଲି ବିଧାୟକ ନିଜ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଯୋଗଦେଇ ପୋଲିସ ପ୍ରଶାସନ ସର୍ବଦା ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ଯତ୍ନବାନ ଅଛନ୍ତି ଓ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉଛି ଓ ଆଗାମୀ ଦିନରେ ଏହା ଆହୁରି ଶାଣିତ ହେବ ବୋଲି ସେ କହିଥିଲେ। ତାଙ୍କ ବିଭାଗ ଅଧୀନରେ ଆସୁଥିବା ସମସ୍ତ ଥାନା ଅଂଚଳରେ ସାମ୍ବାଦିକଙ୍କ ଉପରେ ଆକ୍ରମଣରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ପଂଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସୁଂଗୁଡା ସରପଂଚ ଅଞ୍ଜୁଳତା ସ୍ୱାଇଁ, ସମିତି ସଭ୍ୟା ସ୍ନିଗ୍ଧାରାଣୀ ସ୍ୱାଇଁ, ପ୍ରେସକ୍ଲବ ଚଣ୍ଡୀଖୋଲର ବରିଷ୍ଠ ସଭ୍ୟ ବେଣୁଧର ପଣ୍ଡା ପ୍ରମୁଖ ଯୋଗଦେଇ ସାମ୍ବାଦିକଂକର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରେସକ୍ଲବ ସମ୍ପାଦକ ଦିଲୀପ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ସମରେନ୍ଦ୍ର ମହଲା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ, ସାମ୍ବାଦିକ ନିର୍ମଳ ଚନ୍ଦ୍ର ସାମଲ ଓ ଚଣ୍ଡିଖୋଲର ବରିଷ୍ଠ ନାଗରିକ କମ୍ରେଡ ଜଚିନ୍ଦ୍ର ଜେନାଙ୍କୁ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମ୍ବାଦିକ ହେମନ୍ତ କୁମାର ଜେନା ଓ ପ୍ରସନ୍ନ କୁମାର ବିଶ୍ୱାଳ ମାନପତ୍ର ପାଠ କରିଥିଲେ। ଏହି ଅବସରରେ କ୍ଲବର ମୁଖପତ୍ର 'ପ୍ରତିନିଧି'କୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଉଦୀୟମାନ କଳା ପରିଷଦର କଳାକାରମାନେ ସ୍ୱାଗତ ସଂଗୀତ ଓ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରିଥିଲେ। କ୍ଲବର ପୁରାତନ ସଭ୍ୟ ଅନିରୁଦ୍ଧ ସାମନ୍ତରାୟ ଓ ସାମ୍ବାଦିକ ହେମନ୍ତ ଜେନାଙ୍କ ଅକାଳ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ଶିବରାମ ସାହୁ, ଅଭିମନ୍ୟୁ ଧଳ, ନରେନ୍ଦ୍ର ରାଉତ, ମୋହନ ଖିଲାର, ଦେବବ୍ରତ ଦେବତା, ହେମେଶ ଜେନା, ଭାରତ ଭୂଷଣ ପଣ୍ଡା, ପ୍ରତାପ ରାଉତରାୟ, ସୁରେନ୍ଦ୍ର ସାମଲ, ଦିଲୀପ ସାହୁ, ସମରେନ୍ଦ୍ର ସାମଲ, ସେକ ସ୍ୱବିରଦ୍ଦିନ, ପ୍ରତାପ ଗୋଛାୟତ, ମହେଶ୍ୱର ରାଉତ,ଦୀନବନ୍ଧୁ ନାୟକ, ମନୋଜ ସାହୁ, ଦୟାସାଗର ସ୍ୱାଇଁ, ଅନନ୍ତ ସ୍ୱାଇଁ ପ୍ରମୁଖ ନିଜନିଜର ସଂକ୍ଷିପ୍ତ ଭାଷଣ ଦେବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସରକାରୀ ଆଇଟିଆଇର ଛାତ୍ରୀ ସୋନାଲୀ ସର୍ବଭାରତୀୟ ଟପର

ବାଲେଶ୍ୱର (ପିଏନ୍)- ସରକାରୀ ଆଇଟିଆଇର ଛାତ୍ରୀ ସୋନାଲୀ ବିଶ୍ୱାଳ (୨୨) ସର୍ବଭାରତୀୟ ସ୍ତରରେ ୯୩ ପ୍ରତିଶତ ନମ୍ବର ରଖି ଟପର ହୋଇଛନ୍ତି। ବସ୍ତା ବ୍ଲକ ନଳବାହାର ଅଞ୍ଚଳର ସଂକର୍ଷଣ ବିଶ୍ୱାଳ ଓ ବାସନ୍ତୀ ବିଶ୍ୱାଳଙ୍କ ଝିଅ ହେଉଛନ୍ତି ସୋନାଲୀ। ବାପା ବ୍ୟବସାୟୀ ହୋଇଥିବା ବେଳେ ମା' ଜଣେ ଗୃହିଣୀ। ସୋନାଲୀ ନଳବାହାର ଗାନ୍ଧିଜୀ ହାଇସ୍କୁଲରେ ୭୫ ପ୍ରତିଶତ ନମ୍ବ ରଖି ପ୍ରଥମ ଶେଣୀରେ ଉତ୍ତିର୍ଣ୍ଣ ହେବା ପରେ ବାଲେଶ୍ୱରରେ କଲେଜରୁ ବିଜ୍ଞାନରେ ୫୨ ପ୍ରତିଶତ ଓ ଶାନ୍ତିଲତା ମହାବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ସ୍ନାତକ ପାସ୍ କରି ସରକାରୀ ଆଇଟିଆଇରେ ୱେଲ୍‌ଡିଙ୍ଗ ବିଭାଗରେ ନାମ ଲେଖାଇଥିଲେ। ସର୍ବଭାରତୀୟ ସ୍ତରରେ ଏହି ସଫଳତା ପାଇଁ ସୋନାଲୀଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରଯାଇଛି।

## ନବଜାଗରଣ ବସ୍ତି ବାସିନ୍ଦା ସମ୍ମିଳନ ସଂଘର ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର (ପିଏନ୍)- ଅଙ୍ଗାରଗଡ଼ିଆ ପମ୍ପ ହାଉସ ବସ୍ତି ବାସିନ୍ଦା ଭାବେ ୨୪ଟି ପରିବାର ୩୫ରୁ ଅଧିକ ବର୍ଷ ହେବ ବସବାସ କରି ଆସୁଛନ୍ତି। କିଛି ମାସ ପୂର୍ବରୁ ଏହି ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିଲା। ପ୍ରଥମେ ଥଇଥାନ ସୁବିଧା କରାଯାଇ ଉଚ୍ଛେଦ କରାଯାଉ ବୋଲି ବସ୍ତି ବାସିନ୍ଦା ଦାବି କରି ଧାରଣା ଦେଇଥିଲେ। ଭୂମିହୀନଙ୍କୁ ସରକାର ଜାଗା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏମାନଙ୍କୁ ଜାଗା ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ହେଲେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନ ଉଚ୍ଛେଦ କରାଯିବାକୁ ବସ୍ତି ବାସିନ୍ଦାଙ୍କୁ କୁହାଯାଇଥିଲା। ହେଲେ ଥଇଥାନ ବାବଦରେ ସେମିତି କିଛି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ହାଇକୋର୍ଟ ନିର୍ଦ୍ଦେଶକୁ ନ ମାନି ଜିଲ୍ଲା ପ୍ରଶାସନ ନେଇଥିବା ନିଷ୍ପତିକୁ ବସ୍ତି ବାସିନ୍ଦା ବିରୋଧ କରିଛନ୍ତି। ଆଗାମୀ ଦିନରେ ଯାହା ହେବ ସେଥିପାଇଁ ଜିଲ୍ଲାପାଳ, ତହସିଲଦାର, ଆରଆଇ ଦାୟୀ ରହିବେ ବୋଲି ବସ୍ତି ବାସିନ୍ଦା ଚେତାବନୀ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ପାଇକ ଆଖଡ଼ା ସମାବେଶ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ନିକଟ ଉଇଲକିଶନ ନଗର (ସାହେବ ନୂଆଗାଁ)ଠାରେ ଖୋର୍ଦ୍ଧା ପାଇକ ଆଖଡ଼ା ସଂଘ ଦ୍ୱାରା ଜିଲ୍ଲାସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ପାଇକ ଆଖଡ଼ା ସଂଘର ସଭାପତି ଶମ୍ଭୁନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅତିଥି ରୂପେ ଅଧ୍ୟାପକ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ, ନିୟୁ ଥିଙ୍କିଙ୍ଗ୍ ଫୋରମ୍‌ର ସଭାପତି ନରେନ୍ଦ୍ର ପୃଷ୍ଟି, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ଖଣ୍ଡାୟତ କ୍ଷତ୍ରୀୟ ମହାସଂଘର ସଭାପତି ଯୋଗିନାଥ ବଳିଆରସିଂହ, ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ଦେବପ୍ରସାଦ ମଜୁମଦାର ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମେ ଉକ୍ତ ଗ୍ରାମର ଦିବଂଗତ ପାଇକ ଗୁରୁ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ ଓ ଦୀନବନ୍ଧୁ ବିଶ୍ୱାଳଙ୍କ ଫଟୋଚିତ୍ର ତଳେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏ ପାଇକମାନଙ୍କ ତ୍ୟାଗ ଓ ଆତ୍ମ ବଳିଦାନ ଅତୁଳନୀୟ ତାକୁ କେହି କେବେ ଭୁଲିପାରିବା ନାହିଁ। ଗାଁ ଗହଳିରେ ଏବେବି ପାଇକମାନେ ସୁପ୍ତ ଅବସ୍ଥାରେ ଅଛନ୍ତି। ତେବେ ରାଜ୍ୟ ସରକାର ଏଇ ପାଇକ ଆଖଡ଼ା ସଂଘ ପାଇଁ ଘର ସହିତ ପିଲାଙ୍କ ପାଠ୍ୟପୁସ୍ତକରେ ପାଇକ କଳା ପରମ୍ପରାକୁ ସ୍ଥାନିତ କରିବା, ଲୁପ୍ତ ପାଇକ ଆଖଡ଼ାକୁ ଉଜ୍ଜୀବିତ କରିବା ଏହି ସମାବେଶ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଜଣାଇବାକୁ ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପୁରୀ, କଣାସ ପାଇକ ଗୁରୁ ରମେଶ ଚନ୍ଦ୍ର ରାଉତରାୟ, କେଦାରଶ୍ୱର ଜଗଦେ, କେଶବଚନ୍ଦ୍ର ବରାଳ, କରଡ଼ଗାଡ଼ିଆର ବିରଞ୍ଚି କୁମାର ଜଗଦେଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ୩୦ଟି ପାଇକ ଦଳ ନିଜ ପାଇକ କଳା ପ୍ରଦର୍ଶନ କରିଥିଲେ। ଏହି ସମାବେଶ ସଭା ପୂର୍ବରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ପାଇକ ଦଳ ଓ ଅତିଥିମାନେ ଗ୍ରାମର ମା ଅଂଳାଇ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ମଶାଲ ଧରି ଏକ ଶୋଭାଯାତ୍ରା ସହିତ ଗ୍ରାମ୍ୟ ପରିକ୍ରମା କରିଥିଲେ। ସମ୍ପାଦକ କବିରାଜ ପ୍ରଧାନଙ୍କ ଆୟୋଜନରେ ମନୋଜ କୁମାର ବିଶ୍ୱାଳ, ରବୀନ୍ଦ୍ର କୁମାର ପ୍ରଧାନ, କେଦାର ସାହାଣୀ, ସୁରେଶ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଅନିଲ କୁମାର ପଟ୍ଟନାୟକଙ୍କୁ ରାଜ୍ୟ ଗ୍ରୀନ କମାଣ୍ଡେଂଟ ସମ୍ମାନ

ଖୋର୍ଦ୍ଧା (ପିଏନ୍)- ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମୂହ ସୁଧାନନ୍ଦ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ଼. ଅନିଲ କୁମାର ପଟ୍ଟନାୟକଙ୍କୁ ରାଜ୍ୟ ଗ୍ରୀନ ଆର୍ମି କମାଣ୍ଡେଂଟ ସମ୍ମାନ ପ୍ରେରଣା ଇଂଟରନ୍ୟାସନାଲ ଗ୍ରୀନ ଆର୍ମି ପକ୍ଷରୁ ପ୍ରଦାନ କରାଯାଇଛି। ସୁଧାନନ୍ଦ କଲେଜ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କେତନ ପଟ୍ଟନାୟକ ସୁଧାନନ୍ଦ ଶିକ୍ଷାନୁଷ୍ଠାନ ସମୁହର ଅଧ୍ୟକ୍ଷଙ୍କୁ ଏହି ସମ୍ମାନ ପ୍ରଦାନ କରି କହିଲେ ସୁଧାନନ୍ଦ ଶିକ୍ଷାନୁଷ୍ଠାନର ସବୁଜିମା ପରିବେଶ ଅନ୍ୟତ୍ର ଦୁର୍ଲଭ। ଏହି ପରିବେଶ ପିଲାଙ୍କୁ ପଠନ କ୍ରିୟାରେ ବିଶେଷ ସାହାଯ୍ୟ କରିବ। ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ପ୍ରେରଣା ଗ୍ରୀନ ଆର୍ମିର କମାଣ୍ଡାଂଟ ଇନ୍ ଚିଫ୍ ଡ଼.ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇ କହିଲେ ଶିକ୍ଷାନୁଷ୍ଠାନ ଓ ପରିବେଶ ପରସ୍ପର ପରିପୂରକ। ତାର ଜ୍ୱଳନ୍ତ ଉଦାହରଣ ନାଳନ୍ଦା ଶାନ୍ତି ନିକେତନ ସତ୍ୟବାଦୀର ବନ ବିଦ୍ୟାଳୟ ଆଦି। ତେଣୁ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଅନିଲ କୁମାର ପଟ୍ଟନାୟକ ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଆମ୍ଭ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି।

## ବାବା ସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳନ

ବାଲେଶ୍ୱର (ପିଏନ୍)- ସମ୍ବିଧାନ ପ୍ରଣୟନ କମିଟିର ମୁଖ୍ୟ, ମହାନ ରାଜନେତା, ଯୁଗଜନ୍ମା, ଭାରତରତ୍ନ ବାବା ସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଜିଲ୍ଲା ବିଜେପି ତରଫରୁ ଖୁବ୍ ହର୍ଷୋଲ୍ଲାସର ସହିତ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଏସସି ମୋର୍ଚ୍ଚାର ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ରେମୁଣା ଗୋଲେଇ ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ପରେ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରି ବାବା ସାହେବଙ୍କୁ ଶ୍ରଦ୍ଧାସମ୍ମାନ ଅର୍ପଣ କରିବା ସହିତ ତାଙ୍କ ସ୍ମୃତିଚାରଣ ଓ ରାଷ୍ଟ୍ର ପାଇଁ ବାବା ସାହେବଙ୍କ ଅବଦାନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରାଯାଇଥିଲା। ସାଂସଦ ଶ୍ରୀ ଷଡ଼ଙ୍ଗୀ କ୍ଷୋଭ ପ୍ରକାଶ କରି କହିଥିଲେ ଯେ ସ୍ୱାଧିନତା ପରବର୍ତ୍ତୀ ଦୀର୍ଘ ସମୟ ଧରି କଂଗେସର ଶାସନ କାଳରେ ଦେଶର ମହାପୁରୁଷଙ୍କୁ ଉଚିତ ସମ୍ମାନ ମିଳି ନଥିଲା। ୨୦୧୪ ପରଠାରୁ ମୋଦିଜୀଙ୍କ ନେତୃତ୍ୱରେ ଗଠିତ ସରକାର ଭାରତମାତାଙ୍କ ସୁପୁତ୍ରମାନଙ୍କୁ ଉଚିତ ପ୍ରାପ୍ୟ ସମ୍ମାନ ଦେଇ ଆସୁଛନ୍ତି। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସଙ୍କ ଦ୍ୱାରା ଆୟୋଜିତ ଏକ ଜଳଛତ୍ରକୁ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ ଏବଂ ଜନସାଧାରଣଙ୍କୁ ମହାବିଷୁବ ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜେଏମବକ୍ସି(ପିଆଇସିଟି)ରେ କାର୍ଯ୍ୟରତ ଶ୍ରମିକଙ୍କ ଉପରେ ଚଢିଗଲା ଫୋରକ୍ଲିପ୍-ଶବ ନେଇ କମ୍ପାନୀ କ୍ତୃପକ୍ଷ ଫେରାର



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ଗେଟ୍ ନମ୍ବର-୫ ନିକଟରେ ଥିବା ଜେଏମବକ୍ସି ଦ୍ୱାରା ପରିଚାଳିତ ପିଆଇସିଟି ବର୍ଥରେ ଗୁରୁବାର ମଧ୍ୟାହ୍ନରେ ଜନୈକ କାର୍ଯ୍ୟରତ ଶ୍ରମିକଙ୍କ ଉପରେ ଫୋରକ୍ଲିପ୍ ଚଢିଯିବାରୁ ମୃତ୍ୟୁ ଘଟିଛି । ଶ୍ରମିକଙ୍କ ମୃତ୍ୟୁ ପରେ କମ୍ପାନୀ କ୍ତୃପକ୍ଷ ମୃତ ଦେହକୁ ତରବରିଆ ଭାବେ ଘଟଣାସ୍ଥଳରୁ ନେଇ ଚମ୍ପଟ ମାରିଥିବା ନେଇ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶଯେ, ଜେଏମବକ୍ସି ଦ୍ୱାରା ପରିଚାଳିତ ପିଆଇସିଟିର ଏକ ସର୍ଭେ ସଂସ୍ଥାରେ କାମ କରୁଥିବା ଭୋଳାନାଥ ସ୍ୱାଇଁ ଗୁରୁବାର ଦିନ କାମ କରୁଥିବା ବେଳେ ଏକ ଫୋରକ୍ଲିପ୍ ତାଙ୍କ ଉପରେ ଚଢି ଯାଇଥିଲା । ଘଟଣାସ୍ଥଳରେ ଭୋଳନାଥଙ୍କର ମୃତ୍ୟୁ ହୋଇଯାଇଥିଲା । ଖବରପାଇ ଭୋଳାନାଥଙ୍କ ସମ୍ପର୍କିୟମାନେ ଘଟଣାସ୍ଥଳରେ ପହଂଚି ଭୋଳାନାଥଙ୍କ ସମ୍ପର୍କରେ ସିପକ୍ୟୁରିଟି ଗେଟ୍‌ରେ ପଚାରିବାରୁ ସେଠାରେ ଥିବା ସିକ୍ୟୁରିଟି ଗାର୍ଡମାନେ ସେମାନଙ୍କୁ ମାଡ ମାରି ଥିବା ନେଇ ଅଭିଯୋଗ କରିଛନ୍ତି ତାଙ୍କ ସମ୍ପର୍କିୟ ପଂଚାନନ ସ୍ୱାଇଁ ଓ ଅଜୟ ସ୍ୱାଇଁ । ଏହି ଘଟଣାପରେ ସମ୍ପର୍କିୟ ଓ ଅନ୍ୟ ଶ୍ରମିକମାନେ ଜେଏମବକ୍ସି ଗେଟ୍ ନିକଟରେ ଧାରଣା ଦେଇଥିଲେ । ଖବରପାଇ ଘଟଣାସ୍ଥଳରେ ପାରାଦୀପ ପୋଲିସ୍ ପହଂଚିଥିଲେ । ମୃତକଙ୍କ ପରିବାରକୁ କୌଣସି ସୂଚନା ନଦେଇ କମ୍ପାନୀ କ୍ତୃପକ୍ଷ ମୃତ ଦେହକୁ କେଉଁ ଆଡେ ନେଇ ଯାଇଥିଲେ । ସମ୍ପର୍କିୟମାନେ ପ୍ରଥମେ ପାରାଦୀପ ବନ୍ଦର ଚିକିତ୍ସାଳୟ ଓ ଅଠରବାଙ୍କୀ ଚିକିତ୍ସାଳୟକୁ ଯାଇଥିଲେ । ହେଲେ ସେଠାରେ ଭୋଳାନାଥଙ୍କର କୌଣସି ସନ୍ଧାନ ମିଳି ନଥିଲା । ଫଳରେ ସମ୍ପର୍କିୟମାନେ ଗେଟ୍ ନିକଟରେ ପହଂଚି ଥିଲେ । ସେଠାରେ କମ୍ପାନୀ ସିକ୍ୟୁରିଟି ଓ ପୋଲିସ୍ ସେମାନଙ୍କୁ ମାରିଥିବା ନେଇ ଅଭିଯୋଗ କରିଛନ୍ତି ମୃତକଙ୍କ ସମ୍ପର୍କିୟ ଅଜୟ ସ୍ୱାଇଁ ।

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର

ଭୁବନେଶ୍ୱର, (ପି.ଏନ): କେନ୍ଦ୍ରରେ ବି.ଜେ.ପି଼ ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି । ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି । ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି । ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ । ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ । ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲ୍ୟୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତ୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# କୋରଡେଟ୍‌ର ୪୭ତମ ପ୍ରତିଷ୍ଠା ଦିବସ ଓ ଦିନିକିଆ କୃଷକ ସମାବେଶ

ପାରାଦୀପ,(ପି.ଏନ): ଇଫକୋ ଦ୍ୱାରା ପରିଚାଳିତ କୋରଡେଟ୍ ପାରାଦୀପ ସଂସ୍ଥାର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ଏକ ଦିନିକିଆ କୃଷକ ସମାବେଶ ଗୁରୁବାର ଦିନ ଆୟୋଜିତ ହୋଇଥିଲା । ଏହି ସମାବେଶରେ ବ୍ଲକ୍ ଅଗ୍ନି ଅଧିକାରୀ ପ୍ରଦୋଶ ବେହେରା ଯୋଗ ଦେଇ ଇଫକୋ ଦ୍ୱାରା ପ୍ରସ୍ତୁତ ନାନୋ ୟୁରିଆ ଓ ନାନୋ ଡିଏପିର ବ୍ୟବହାର ଦ୍ୱାରା କୃଷକମାନେ ଅଧିକ ଫସଲ ଅମଳ କରି ପାରୁଥିବା ନେଇ ମତବ୍ୟକ୍ତ କରିଥିଲେ । ଏହାକୁ ବ୍ୟବହାର କଲେ ପରିବେଶ ପ୍ରଦୂଷଣମୁକ୍ତ ରହେ ବୋଲି ସେ ମତବ୍ୟକ୍ତ କରିଥିଲେ । ସମାବେଶରେ ପୀରହିତ୍ୟ କରିଥିଲେ କୋରଡେଟ୍‌ର



ଅଧ୍ୟକ୍ଷ କୁଳମଣି ମାଝି । ଡ୍ରୋନ୍ ମାଧ୍ୟମରେ ନାନୋ ଡିଏପି ଓ ନାନୋ ୟୁରିଆ ସିଂଚନ ପ୍ରଣାଳି ସମ୍ପର୍କରେ ଶ୍ରୀ ମାଝି ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ । ତେରଗାଁ ଠାରେ ଅନୁଷ୍ଠିତ ଏହି ସମାବେଶରେ ଗ୍ରାମ୍ୟ ସଂଯୋଜକ ଅରକ୍ଷିତ ସାହୁ, ଅରୋ ଦେ ବାୟୋ ଫର୍ଟିଲାଇଜର ବ୍ୟବହାରକୁ ଗୁରୁତ୍ୱ ଦେଇଥିଲେ । ଶତାଧିକ କୃଷକ ସମାବବେଶରେ ଯୋଗ ଦେଇ ଇଫକୋ ଦ୍ୱାରା ପ୍ରସ୍ତୁତ ନାନୋ ୟୁରିଆ ଓ ନାନୋ ଡିଏପିର ବ୍ୟବହାର ସମ୍ପର୍କରେ ଶିକ୍ଷା ଲାଭ କରିଥିଲେ ।




୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Thursday October 10 | ଭୁବନେଶ୍ୱର ଗୁରୁବାର, ଅକ୍ଟୋବର ୧୦,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ଶିଶୁ ଅନନ୍ତ ମହାବିଦ୍ୟାଳୟର ସ୍ୱାଗତ ସମାରୋହ ପାଳିତ

ଭୁବନେଶ୍ୱର,(ପି.ଏନ): ଶିଶୁ ଅନନ୍ତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ +୩ ପ୍ରଥମ ବର୍ଷ ସମ୍ମାନ ଛାତ୍ର ଛାତ୍ରୀଙ୍କ ସ୍ୱାଗତ ସମାରୋହଟି ପାଳିତ ହୋଇଯାଇଅଛି। ଏହି ସମାରୋହ ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ମଧୁମତୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିଭାଗର ମୁଖ୍ୟ ପ୍ରାଧାପିକା ଡକ୍ଟର ରଶ୍ମିତା ମହାପାତ୍ର ଏଥିରେ ସଭା ପରିଚ଼ାଳନା କରିଥିଲେ। ବିଭାଗର ଅନ୍ୟତମ ବରିଷ୍ଠ ଅଧାପିକା ଡ଼କ୍ଟର ସୁଜାତା କୁମାରୀ ସାହୁ,ଡ଼କ୍ଟର ଜୋସ୍ନାଞ୍ଜଳୀ ମଙ୍ଗରାଜ ଓ ଶ୍ରୀମତୀ ସସ୍ମିତା ବେହେରା ଉପସ୍ଥିତ ରହି ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବ୍ୟାସକବି ଫକୀରମୋହନ ସେନାପତିଙ୍କ କାଳଜୟୀ କୃତି 'ରେବତୀ' କୁ ନାଟ୍ୟରୂପ ପ୍ରଦାନ କରି ମଞ୍ଚସ୍ଥ କରି ସଭାର ଶ୍ରୀ ବୃଦ୍ଧି କରିଥିଲେ। ମହାବିଦ୍ୟାଳୟର ଅନ୍ୟତମ ସଦସ୍ୟ Vocational ଅଧାପକ ଡ଼କ୍ଟର ସୁବ୍ରତ କୁମାର ସାହୁ computer science ରେ ଚଷଉ ଡିଗ୍ରୀ ପାଇଥିବାରୁ ତାଙ୍କୁ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ସମ୍ମାନୀତ କରାଗଲା।ସଭାରେ ଅନ୍ୟାନ୍ୟ ଅଧାପକ, ଅଧାପିକାମାନେ ଉପସ୍ଥିତ ରହି ପିଲାମାନଙ୍କ ଉଜ୍ୱଳ ଭବିଷ୍ୟତର ମଙ୍ଗଳ କାମନା କରିଥିଲେ। ଓଡ଼ିଆ ସମ୍ମାନର ସମସ୍ତ ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣ ଉପସ୍ଥିତି ଓ ସେମାନଙ୍କ ସହଯୋଗରେ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହୋଇଥିବାରୁ ବିଭାଗୀୟ ମୁଖ୍ୟା ସେମାନଙ୍କୁ ପ୍ରଶଂସା କରିଥିଲେ।




## ପିସିସି ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,(ପି.ଏନ)ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡାମଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ଗୋପବନ୍ଧୁ ଛକ ସ୍ଥିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ ପରେ କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତିତରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ତରୁଣ ମିଶ୍ର, ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ଆଲୋକ ମହାନ୍ତି, ପ୍ରଭାତ ପ୍ରତାପ ସିଂ, ଭାସ୍କର ସେଠୀ, କୁଳମଣି ସାହୁ, ତାପସ ସେଠୀ, ପ୍ରଶନ୍ନ ପାଇକରାୟ, ଚିନ୍ମୟ ସୁନ୍ଦର ଦାସ ଓ ସଂଜୟ ମିଶ୍ର ଉପସ୍ଥିତ ଥିଲେ।

## ଶ୍ରୀ ବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ

କେନ୍ଦ୍ରାପଡ଼ା,(ପି.ଏନ): ଆଇନ ମହାବିଦ୍ୟାଳୟ କଲୋନୀ ସ୍ଥିତ ଜିଲ୍ଲାର ପ୍ରତିଷ୍ଠିତ ସାଂସ୍କୃତିକ ଶିକ୍ଷାନୁଷ୍ଠାନ ଶ୍ରୀ ବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଏଥି ଉପଲକ୍ଷେ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ବୌଦ୍ଧିକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ପ୍ରଗତିଶୀଳ କବି ନିରାକାର ଦାସ ଓ ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ଡ. ଦିଲ୍ଲୀପ ମିଶ୍ର ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଉତ୍କଳମଣିଙ୍କ ଓଡିଶାର ଭାଷା, ସାହିତ୍ୟ, ସଂସ୍କୃତି, ରାଜନୀତି ଓ ସେବା କ୍ଷେତ୍ରକୁ ଅତୁଳନୀୟ ଅବଦାନ ତଥା ତ୍ୟାଗପୂତ ଜୀବନ ସମ୍ପର୍କରେ ଅବଗତ କରି ତାଙ୍କୁ ଅଧିକରୁ ଅଧିକ ପଢିବା ଓ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରାଧ୍ୟାପକ ମୋହନ ଚରଣ ଜେନା ଓ ଅବସରପ୍ରାପ୍ତ ଅଧ୍ୟାପକ ଜୟଶ୍ରୀ ଜେନା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସଂପାଦକ ମହେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମର ଉଦେଶ୍ୟ ଜ୍ଞାପନ କରିଥିଲେ। ଆଦିକନ୍ଦ ରାଉଳ ଅତିଥି ପରିଚୟ ପ୍ରଦାନ ଓ ଶୈଳଜା ଶଙ୍କର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ମଧୁସୂଦନ ବେହେରା, ପ୍ରଦୀପ ଦାସ, ରବୀନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ଜୟଶ୍ରୀ ଦାସ ଓ ଦୀପକ ସାହୁଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଅସ୍ତରଙ୍ଗ ପ୍ରେସ୍ କ୍ଲବ୍ର ର ଶାରଦୀୟ ବନ୍ଧୁମିଳନ

ଅସ୍ତରଙ୍ଗ,(ପି.ଏନ): ଅସ୍ତରଙ୍ଗ ବ୍ଲକ ପ୍ରେସ୍ କ୍ଲବ୍ ର ପୀରଜାହାନିଆଁ କୈଲ୍ୟାଣୀ ମଣ୍ଡପ ଠାରେ ଗତ କାଲି ସନ୍ଧ୍ୟାରେ ସଭାପତି ସଭାପତି ଶରତ କୁମାର ପରିଡାଙ୍କ ସଭାପତିତ୍ୱ ରେ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପ ବୁଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶାରଦୀୟ ଦୁର୍ଗାପୂଜା ଓ ମା ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଏକ ବନ୍ଧୁମିଳନ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ସଭାପତି ଶରତ କୁମାର ପରିଡା ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ୍ ପ୍ରମୋଦ କୁମାର ଦାସଙ୍କୁ ପୁଷ୍ପ ବୁଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ତଥା ଉପଦେଷ୍ଟା ଧୃଶାସନ ନାୟକ, ଉପ ଶୋଭାନେତ୍ରୀ ମମତା ଜେନା , ଅନିଲ ବାରିକ, ଜ୍ଞାନ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ବିନୋଦ ସେଠୀ, ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିବାବେଳେ ସଂଯୋଜନା କରିଥିଲେ ସଂଯୋଜକ ଶୋଭାକର ବେହେରା ଓ ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ।













Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray